## ଜମି କ୍ଷତିଗ୍ରସ୍ତ ମିଳିତ ମଞ୍ଚର ବୈଠକ

କଟକ ସଦର, (ଡି.ଏନ.ଏ.)- ୪୨ମୌଜା ମୁଖ୍ୟ ରାସ୍ତା ସମ୍ପ୍ରସାରଣ ବେଳେ ପାର୍ଶ୍ୱ ଅଞ୍ଚଳରେ ଥିବା ବାସୋପଯୋଗୀ ଜମି ଅଧିଗ୍ରହଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ତରଫରୁ ଜମି ମାଲିକଙ୍କୁ ଦିଆଯାଇଥିବା ପ୍ରସ୍ତାବକୁ କେହି ଗ୍ରହଣ କରିପାରିନାହାନ୍ତି। ଜମି ଅଧିଗ୍ରହଣକୁ ବିରୋଧ କରି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଦ୍ୱିବାଟିଠାରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୪୨ମୌଜା ଜମି କ୍ଷତିଗ୍ରସ୍ତ ମିଳିତ ମଞ୍ଚ ଗଠନ କରାଯାଇ ସରକାରଙ୍କ ନୀତିକୁ ଆଗାମୀ ଦିନରେ ବିରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କାରଣ କ୍ଷତି ତୁଳନାରେ ସହାୟତା ରାଶି ଖୁବ୍ କମ୍ ଦିଆଯିବା ବ୍ୟବସ୍ଥା କରାଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ନାଗରିକ ସମାଜ ପକ୍ଷରୁ ରାସ୍ତା ସମୀକରଣ ନେଇ ଖବରଦାତା ସମ୍ମିଳନୀ, କେଶରୀ ହୋଟେଲ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସ୍ୱାଧୀନତା ୭୫ତମ ପୂର୍ତ୍ତି ଉପଲକ୍ଷେ ଗାନ୍ଧୀ ଗୀତ ନୃତ୍ୟ ନାଟିକା, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା ୩୦।

## ଅସୁସ୍ଥ ଖବରଦାତାଙ୍କୁ ଆର୍ଥିକ ସହାୟତା

ତିଗିରିଆ, ୧୧।୮ (ଡି.ଏନ.ଏ.)
ବଡମ୍ବା ବ୍ଲକର ଧରିତ୍ରୀ ପ୍ରତିନିଧି ମାୟାଧର ମଲ୍ଲିକଙ୍କ ଛାତିରେ ପାଣି ଜମିବାରୁ ଗୁରୁତର ଅବସ୍ଥାରେ ପ୍ରଥମେ ମାସେ ପର୍ଯ୍ୟନ୍ତ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏବେ କଟକ ବଡ ଡାକ୍ତରଖାନାରେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ବୁଧବାର ଓଡ଼ିଶା ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ ରାଜ୍ୟ ସଭାପତି ସରୋଜ ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରଜନୀକାନ୍ତ ସାମନ୍ତରାୟ, ରାଜ୍ୟ କୋଷାଧକ୍ଷ ନିତ୍ୟରଞ୍ଜନ ପଣ୍ଡା ପ୍ରମୁଖ କଟକ ବଡ ଡାକ୍ତରଖାନା ଯାଇ ମଲ୍ଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା କରୁଥିବା ପ୍ରଫେସରଙ୍କ ସହିତ କଥା ହୋଇଥିଲେ। କଟକ ଜିଲା ସଭାପତି ଅମରେନ୍ଦ୍ର ମହାନ୍ତିଙ୍କ ଉପସ୍ଥିତିରେ ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## ଏସ୍‌ସିବିରୁ କରୋନା ଆକ୍ରାନ୍ତ ନିଖୋଜ

କଟକ ଅଫିସ, ୧୧।୮- ଏସ୍‌ସିବି ମେଡିକାଲରୁ ମାହାଙ୍ଗା ଅଞ୍ଚଳର କରୋନା ଆକ୍ରାନ୍ତ ବିଶ୍ୱନାଥ ସ୍ୱାଇଁ(୫୫) ନିଖୋଜ ହୋଇଯାଇଥିବା ବୁଧବାର ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ବିଶ୍ୱନାଥ ନିଖୋଜ ହୋଇଯାଇଥିବା ନେଇ କୋଭିଡ୍ ୱାର୍ଡରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ତାଙ୍କ ନିଖୋଜ ନେଇ ସ୍ତ୍ରୀ ସରସ୍ୱତୀ ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରିଛନ୍ତି। ବିଶ୍ୱନାଥଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନାଧିକାରୀ ଅମିତାଭ ମହାପାତ୍ର କହିଛନ୍ତି।

## ଦୋକାନ ଜଳିଗଲା

କଟକ ସଦର, ୧୧।୮ (ଡି.ଏନ.ଏ.)- ବିରିବାଟୀ-ଅଥଙ୍ଗା ମାଛଗାଁ କେନାଲ ବନ୍ଧ ରାସ୍ତାର କୁସିଙ୍ଗା ବୁଢ଼ୀଆଣି ମନ୍ଦିର ପାଖରେ ଥିବା ଏକ ଜଳଖିଆ ଦୋକାନ ମଙ୍ଗଳବାର ରାତିରେ ନିଆଁଲାଗି ଜଳିଯାଇଛି। ଏଥିରେ ଥିବା ସମସ୍ତ ଆସବାବପତ୍ର ପୋଡିଯାଇଛି। ଦୋକାନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ମାଲିକ ରଘୁନାଥପୁର ଗ୍ରାମର ପ୍ରଶାନ୍ତ ପ୍ରଧାନ କନ୍ଦରପୁର ଥାନାରେ ଏତଲା ଦେଇଛନ୍ତି। ବୁଧବାର ସକାଳେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଫେରିଯାଇଛି।

## ଅନୁସୂଚିତ ଜାତିଙ୍କ ଉପରେ ବଢୁଛି ଅତ୍ୟାଚାର

କଟକ ଅଫିସ, ୧୧।୮- ରାଜ୍ୟରେ ଦଳିତଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଇବା ଓ ବ୍ଲକର ବିଭିନ୍ନ ଜନହିତକର କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ବୁଧବାର ସ୍ମାରକପତ୍ର ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ବାଳକାଟି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା, ଗ୍ରାମ୍ୟ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଛି। ଏ ସମ୍ପର୍କରେ ସ୍ୱର ଉତ୍ତୋଳନ କରିବାରୁ ଉକ୍ତ ଗ୍ରାମର ଅନୁସୂଚିତ ଜାତି ପରିବାର ସଦସ୍ୟଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରାଗଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେହିପରି ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଞ୍ଚଳରେ ମଧ ଦଳିତ ମହିଳାଙ୍କ ଉପରେ ଆକ୍ରମଣ ହୋଇଛି। ଏ ନେଇ ଅଭିଯୋଗ ହେଲେ ମଧ ପୋଲିସ ପଦକ୍ଷେପ ନେଉନାହିଁ। ଏଣୁ ରାଜ୍ୟପାଳ ଏଥିରେ ହସ୍ତକ୍ଷେପ କରି ଉକ୍ତ ଦୁଇଟି ଘଟଣା ସହ ରାଜ୍ୟର ଅନ୍ୟ ଜିଲାରେ ଦଳିତମାନଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଭାଜପା କଟକ ନଗର ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶିବ ପ୍ରସାଦ ସେଠୀ, ରାଜ୍ୟ ସମ୍ପାଦକ ବିକାଶ ବେହେରା, କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ରଶ୍ମିରେଖା ଦାସ ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଏଥର ଅକ୍ସିଜେନ୍ ରାଖୀ କିଟ୍






"ପ୍ରତିବର୍ଷ ରାଖୀ ଦୋକାନ କରିଥାଉ। ଗତବର୍ଷ କରୋନା ମହାମାରୀ ଯୋଗୁ ଦୋକାନ କରିପାରି ନ ଥିଲୁ। ଚଳିତବର୍ଷ ସୋସିଆଲ୍ ମିଡିଆ ମାଧ୍ୟମରେ ରାଖୀ ବ୍ୟବସାୟ ଆରମ୍ଭ କରିଛୁ। ଏହା ମାଧ୍ୟମରେ ଭଲ ବିକ୍ରି ହେବ ବୋଲି ଆଶା ରଖିଛୁ।
**– ମୁକେଶ ମଲ୍ଲିକ, ବ୍ୟବସାୟୀ**



"ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ଅନ୍‌ଲାଇନ୍ ସପିଂ ୱେବ୍‌ସାଇଟ୍‌ରେ ଅଫର୍ ସହିତ ରାଖୀ ବିକ୍ରି ଆରମ୍ଭ ହୋଇଛି। କରୋନା ସମୟରେ ଅକ୍ସିଜେନ ଅଭାବ ଲୋକଙ୍କୁ ହନ୍ତସନ୍ତ କରିଛି। ଏହାକୁ ଦୃଷ୍ଟିରେ ରଖି ଆମେ ଚଳିତବର୍ଷ ଅକ୍ସିଜେନ୍ ରାଖୀ କିଟ୍ ବିକ୍ରି କରୁଛୁ। ରାଖୀ ବାନ୍ଧିବା ପରେ କିଟ୍‌ରେ ମିଳିଥିବା ଗଛକୁ ଭାଇଭଉଣୀମାନେ ଲଗାଇବେ। ଏହାଦ୍ୱାରା ବାୟୁମଣ୍ଡଳରେ ଅକ୍ସିଜେନ୍ ମାତ୍ରା ବଢ଼ିବାରେ ସହାୟକ ହେବ।
**– ଈଶ୍ୱର ସାହୁ, ବ୍ୟବସାୟୀ**



"କରୋନା ସମୟରେ ଲୋକମାନେ ଅନ୍‌ଲାଇନରେ ରାଖୀ ଅର୍ଡର କରୁଛନ୍ତି। ସହରର କୌଣସି ସ୍ଥାନରୁ ଅର୍ଡର ଆସିବାର ଗୋଟିଏ ଦିନ ମଧ୍ୟରେ ଡେଲିଭରି ଦେଇଦେଉଛୁ। ଏଥିସହ ସହର ବାହାରେ ରହୁଥିବା ବ୍ୟକ୍ତିଙ୍କୁ ସିଧାସଳଖ ଠିକଣାରେ ରାଖୀ ପହଞ୍ଚାଇବା ବ୍ୟବସ୍ଥା ରହିଛି। ଏଥିପାଇଁ ୩ରୁ୪ ଦିନ ସମୟ ଲାଗିଥାଏ।
**– ଶେଷଦେବ ସାହୁ, ବ୍ୟବସାୟୀ**

କଟକ ଅଫିସ, ୧୧।୮

ଭାଇ-ଭଉଣୀର ସମ୍ପର୍କକୁ ଆଉଟିକେ ମଜଭୁତ କରିବା ପାଇଁ ପ୍ରତିବର୍ଷ ପାଳନ କରାଯାଏ ରକ୍ଷାବନ୍ଧନ ପର୍ବ ବା ଗହ୍ମାପୂର୍ଣ୍ଣିମା। ଆସନ୍ତା ୨୨ ତାରିଖରେ ଏହି ନିଆରା ପର୍ବ ପାଳନ ହେବାକୁ ଥିବାବେଳେ କରୋନା ମହାମାରୀ ଯୋଗୁ କଟକ ସହରର କିଛି ସ୍ଥାନରେ ରାଖୀ ଦୋକାନ ଖୋଲିଛି। ଗତବର୍ଷ କୋଭିଡ୍ ଯୋଗୁ ଗହ୍ମାପୂର୍ଣ୍ଣିମା ପର୍ବ ଫିକା ପଡିଥିଲା। ଚଳିତବର୍ଷ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି। ଏବେ ଦୋକାନରେ ଭିନ୍ନ ଧରଣର ରାଖୀ ଦେଖିବାକୁ ମିଳୁଥିବାବେଳେ

### ଅନ୍‌ଲାଇନ୍‌ରେ ବିକ୍ରି

ଲୋକମାନେ ଅନ୍‌ଲାଇନ୍‌ରେ କିଣିବାକୁ ପସନ୍ଦ କରୁଛନ୍ତି। ଚଳିତବର୍ଷ କଟକରେ ନୂତନ କରି ଆରମ୍ଭ ହୋଇଥିବା ଅକ୍ସିଜେନ୍ ରାଖୀ କିଟ୍ ଚାହିଦା ରହିଛି। ଏହି ରାଖୀ ଅନ୍‌ଲାଇନ୍‌ରେ ଉପଲବ୍ଧ। ଅର୍ଡର କରିବା ମାତ୍ରେ ଲୋକଙ୍କ ଘରେ ପହଞ୍ଚିଯାଉଛି ଅକ୍ସିଜେନ୍ ରାଖୀ କିଟ୍।

କରୋନା ମହାମାରୀ ସମୟରେ ରୋଜଗାର ପନ୍ଥା ଆପଣେଇଛନ୍ତି କଟକ ଚାଉଳିଆଗଞ୍ଜ ଅଞ୍ଚଳର ମୁକେଶ ମଲ୍ଲିକ, ଈଶ୍ୱର ସାହୁ, ଶେଷଦେବ ସାହୁ। ସେମାନେ ମିଶି ପ୍ରସ୍ତୁତ କରିଛନ୍ତି ଅକ୍ସିଜେନ୍ ରାଖୀ କିଟ୍। ଏକ କାଠ ଡବାରେ ଫଟୋ ରାଖୀ, ଚାଉଳ, ସାନିଟାଇଜର, ସ୍ପେଶାଲ୍ ସୁରକ୍ଷା ସ୍ପ୍ରେ (ଆୟୁର୍ବେଦିକ), ଚକୋଲେଟ୍, ସିନ୍ଦୁର, ମୋ ଭାଇ କାର୍ଡ, ଫଟୋ ଚାବି ରିଂ ଏବଂ ଏକ ଗଛ ରଖି ପ୍ରସ୍ତୁତ ହୋଇଛି ଅକ୍ସିଜେନ୍ ରାଖୀ କିଟ୍। ଏହାର ମୂଲ୍ୟ ୩୬୧ ଟଙ୍କା ରହିଛି। ଉକ୍ତ କିଟ୍ ବିକ୍ରି କରିବାର ମାଧ୍ୟମ ହେଉଛି ସୋସିଆଲ୍ ମିଡିଆ। ହ୍ୱାଟ୍ସଆପ୍, ଫେସ୍‌ବୁକ୍, ୟୁଟ୍ୟୁବରେ ଏହି ରାଖୀ କିଟ୍‌ର ଭିଡିଓ ଓ ଫଟୋ ପୋଷ୍ଟ କରି ଗ୍ରାହକଙ୍କୁ ଆକୃଷ୍ଟ କରିଛନ୍ତି। ନୂତନ କରି ଆରମ୍ଭ କରିଥିବା ଅକ୍ସିଜେନ୍ ରାଖୀ କିଟ୍ ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହେବ ବୋଲି ଏହି ବ୍ୟବସାୟୀମାନେ ଆଶା ରଖିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅମୂଲ୍ୟ



@ ଚିନ୍ମୟୀ



@ ଲକ୍ଷ୍ମୀକାନ୍ତ



@ ଇନ୍ଦୁ



@ ସୃଷ୍ଟି



@ ଦିବ୍ୟରଞ୍ଜନ

## ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବାଙ୍କୀ, ୧୧।୮(ସ୍ୱ.ପ୍ର.)

ଡମପଡ଼ା ବ୍ଲକ କୁସୁପଙ୍ଗି ଓ ତାଳବସ୍ତ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟ ଓ ରୁର୍ବାନ ଅନୁଦାନରେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡିକରେ ମହାଦୁର୍ନୀତିରେ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଗିରଫ କରିବାକୁ ଦାବି କରି କଂଗ୍ରେସ ପକ୍ଷରୁ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଏଥିରେ ପ୍ରଦେଶ କଂଗ୍ରେସ ଉପସଭାପତି ତଥା ବାଙ୍କୀର ପୂର୍ବତନ ବିଧାୟକ ଡ.

### ୩ୟ ଦିନରେ କଂଗ୍ରେସର ଧାରଣା

ଦେବାଶିଷ ପଟ୍ଟନାୟକ ଗଣଧାରଣାରେ ବସିଥିବା କର୍ମୀମାନଙ୍କ ସହ ସାମିଲ୍ ହୋଇ ବ୍ଲକରେ ହେଉଥିବା ଦୁର୍ନୀତିରେ ସମ୍ପୃକ୍ତ ଥିବା କର୍ମଚାରୀମାନଙ୍କୁ ସସ୍‌ପେଣ୍ଡ କରିବା ସହ ପଞ୍ଚାୟତରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ବାଙ୍କୀ ଉପଖଣ୍ଡ ଓ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବତା ଅବଲମ୍ବନ କରୁଛନ୍ତି। କଟକ ଜିଲାପାଳ କିମ୍ବା ତାଙ୍କର ପ୍ରତିନିଧି ଘଟଣାସ୍ଥଳକୁ ଆସି ଗଣଧାରଣାକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଦୁର୍ନୀତି ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅନିର୍ଦ୍ଦିଷ୍ଟକାଳ ପାଇଁ ଏହି ଗଣଧାରଣା ଚାଲୁ ରହିବ ବୋଲି ସେ ପ୍ରକାଶ କରିଥିଲେ। ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସିତ ବରଣ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ଜିଲା କଂଗ୍ରେସ ଉପସଭାପତି କୁବେର ଚୌଧୁରୀ, ଉପଦେଷ୍ଟା ବାବୁଲି ଦଳେଇ, ପୂର୍ବତନ ସରପଞ୍ଚ ଭାବଗ୍ରାହୀ ସ୍ୱାଇଁ, ଘନଶ୍ୟାମ ମହାନ୍ତି, ନକୁଳ ପ୍ରଧାନ, ପ୍ରଶାନ୍ତ କୁମାର ମହାନ୍ତି, ଦେବେନ୍ଦ୍ର ଧଳ ସାମନ୍ତ, ବାସୁଦେବ ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଛନ୍ତି।

## କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ୱେବ୍‌ସାଇଟ୍ ଲୋକାର୍ପିତ

କଟକ ଅଫିସ, ୧୧।୮

କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ୱେବ୍‌ସାଇଟ୍ www.cuttackccb.co.in ବୁଧବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଲୋକାର୍ପିତ ହୋଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଲୋକାର୍ପଣ କରି କହିଥିଲେ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଏକ ବୃହତ୍ ଓ ଅଗ୍ରଣୀ ବ୍ୟାଙ୍କ। ଏହି ବ୍ୟାଙ୍କ ଗତ ୬୫ ବର୍ଷ ଧରି କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ୩୮ଟି ଶାଖା, ୪୬୬ ସେବା ସମବାୟ ସମିତି, ଦୁଇଟି କୃଷକ ସେବା ସମବାୟ ସମିତି, ୬୪୦ ଅଣ କୃଷି ସମିତି ମାଧ୍ୟମରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ, ବୁଣାକାର, କାରିଗର ଓ ଅଣକୃଷି କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛି। ସେହିପରି ବ୍ୟାଙ୍କ ଅଦ୍ୟାବଧି ୬ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦୦ କୋଟି ଟଙ୍କା ଋଣ ପ୍ରଦାନ କରିଛି। ଉକ୍ତ ୱେବ୍‌ସାଇଟ ଲୋକାର୍ପିତ ହେବା ଯୋଗୁ ବ୍ୟାଙ୍କର ସବିଶେଷ ତଥ୍ୟ ଓ ସେବା ଜମାକାରୀ, ଅଂଶୀଦାର, ଋଣଗ୍ରହୀତା ଏବଂ ପୃଷ୍ଠପୋଷକଙ୍କ ପାଖରେ ପହଞ୍ଚିପାରିବ। ଏଥିରେ ପିଡି ଡିଆର୍‌ଡିଏ ଅମ୍ବର କର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ନାବାର୍ଡର ଡିଡିଏମ୍ ଏସ୍. କେ. ପଣ୍ଡା, ଏଲ୍‌ଡିଏମ୍ ରାଜେଶ ବେହେରା, ରୁଦ୍ର ମିଶ୍ର, ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟକ୍ଷ ମହେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ଦାଶ ଧନ୍ୟବାଦ ଦେଇଥିଲେ ।




ସବୁଜ ପତ୍ରିକାଧାରୀଙ୍କୁ ସୁବିଧା ସୁଯୋଗ ଯୋଗାଇବା ସହ ଅନ୍ୟାନ୍ୟ ଦାବି ନେଇ ବୁଧବାର ଭୁବନେଶ୍ୱର ରାଜମହଲ ଛକରେ ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ବିକ୍ଷୋଭ।

## ବଜ୍ରପାତରେ ବୃଦ୍ଧ ମୃତ

ଆଠଗଡ଼, ୧୧।୮(ସ୍ୱ.ପ୍ର.)
ଆଠଗଡ଼ ଥାନା ଅନ୍ତର୍ଗତ ଚୁନପଦା ଗାଁରେ ଜଣେ ବୃଦ୍ଧଙ୍କ ବୁଧବାର ବଜ୍ରପାତରେ ମୃତ୍ୟୁ ହୋଇଯାଇଛି। ଗାଁର ଦୁଃଖବନ୍ଧୁ ସ୍ୱାଇଁ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ସେ ବିଲରେ ପଡିଥିଲେ। ଘରକୁ ଫେରିବା ଡେରି ହେବାରୁ ଘର ଲୋକ ଯାଇ ତାଙ୍କୁ ଆଣି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ମଦ ବ୍ୟବସାୟୀଙ୍କ ମାଡ଼ରେ ଖବରଦାତା ଲହୁଲୁହାଣ

- ଅବକାରୀ ବିଭାଗକୁ ସୂଚନା ଦେଉଥିବା ସନ୍ଦେହ
- ୩୦ ହଜାର ଟଙ୍କା ଛଡ଼େଇ ନେଲେ
- ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଉଦ୍ୟମ

ତିଗିରିଆ, ୧୧।୮( ଡି.ଏନ.ଏ.)

ତିଗିରିଆ ବ୍ଲକ କରଡ଼ାପଲ୍ଲୀ ଗାଁର ଖବରଦାତା ପନିଆ ଖାଁଙ୍କୁ ସେହି ଗାଁର ୨ ଜଣ ଦେଶୀ ମଦ ବ୍ୟବସାୟୀ ନିସ୍ଥୁକ ପିଟି ଲହୁଲୁହାଣ କରିଛନ୍ତି। ମଙ୍ଗଳବାର ରାତିରେ ଉଭୟ ମଦ ବ୍ୟବସାୟୀ ପନିଆଙ୍କୁ ଏକ ଗଣ୍ଡଗୋଳ ଘଟଣାର ସମାଧାନ କରିବାକୁ ଡାକିନେଇ ତାଙ୍କୁ ମାଡ ମାରିବା ସହ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଉଦ୍ୟମ କରିଥିଲେ। ଏପରି କି ପନିଆଙ୍କ ପାଖରେ ଥିବା ୩୦ ହଜାର ଟଙ୍କା ସେମାନେ ଛଡାଇ ନେଇଥିବା ତିଗିରିଆ ଥାନାରେ ବୁଧବାର ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ମଦ ବ୍ୟବସାୟୀଦ୍ୱୟ ନିକଟସ୍ଥ ବରମାଣ ଜଙ୍ଗଲରେ ଦେଶୀ ମଦ ରାନ୍ଧି ବିକ୍ରି କରୁଥିଲେ। ଏ ସଂକ୍ରାନ୍ତରେ କଟକ କେନ୍ଦ୍ରୀୟ ଅବକାରୀ ବିଭାଗ ଖବର ପାଇ ବାରମ୍ବାର ଚଢ଼ାଉ କରୁଥିଲା। ପନିଆ ଏ ସଂକ୍ରାନ୍ତରେ ଅବକାରୀ ବିଭାଗକୁ ଖବର ଦେଉଥିବା ସନ୍ଦେହରେ ମଙ୍ଗଳବାର ରାତିରେ ଗାଁର ଅନୱାର ଖାଁ, ଖୋଦା ବକ୍ସ ଦଳବେହେରା ଏକ କାର(ନଂ. ଓଆର ୧୩ ଜି ୭୭୬୬)ରେ ତାଙ୍କୁ ଘରୁ ଡାକି ଆଣିଥିଲେ। ସେଠାରୁ ତାଙ୍କୁ ତିଗିରିଆ ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ନେଇଥିଲେ। ପରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗାଳିଗୁଲଜ କରି କରଡ଼ାପଲ୍ଲୀ ସ୍କୁଲ ପାଖକୁ ନେଇଥିଲେ। ସେଠାରେ କାରରୁ ଓହ୍ଲାଇ ପନିଆଙ୍କୁ ନିସ୍ଥୁକ ପିଟିବାରୁ ସେ ତଳେ ପଡିଯାଇଥିଲେ। ଏହାପରେ ଜୀବନ ବିକଳରେ ପନିଆ ସେଠାରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ପ୍ୟାଣ୍ଟ ପକେଟରେ ଥିବା ୩୦ ହଜାର ଟଙ୍କା ସେମାନେ ଛଡେଇ ନେଇଥିଲେ। ଆମ ବିଷୟରେ କୌଣସି ଖବର ଅବକାରୀ ବିଭାଗକୁ ଦେଲେ ତତେ ଜୀବନରେ ମାରିଦେବୁ ବୋଲି କହିଥିଲେ। ଆମର କେଉଁ ଖବରଦାତା କ'ଣ କରିବେ ଆମେ ଦେଖିବୁ ବୋଲି ସେମାନେ ଧମକ ଦେଇଥିବା ପନିଆ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପନିଆ ଥାନାରେ ଅଭିଯୋଗ କରିବା ସମୟରେ ବ୍ଲକର ସମସ୍ତ ଖବରଦାତା ଉପସ୍ଥିତ ଥିଲେ। ଅଭିଯୁକ୍ତଦ୍ୱୟଙ୍କୁ ତୁରନ୍ତ ଗିରଫ କରିବାକୁ ଆଇଆଇସି ବନବିହାରୀ ପ୍ରଧାନଙ୍କ ନିକଟରେ ଖବରଦାତାମାନେ ଦାବି କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୦୫/୨୧) ରୁଜୁ ହୋଇଛି।

# 'ଆଜାଦୀ କା ଅମୃତ ମହୋତ୍ସବ'ରେ 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍'

କଟକ ଅଫିସ, ୧୧।୮

ସ୍ୱାଧୀନତାର ୭୫ ବର୍ଷକୁ କେନ୍ଦ୍ର ସରକାର 'ଆଜାଦୀ କା ଅମୃତ ମହୋତ୍ସବ' ଭାବେ ପାଳନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପୂର୍ବାଞ୍ଚଳ ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ 'ଫିଟ ଇଣ୍ଡିଆ ଫ୍ରିଡମ୍ ରନ୍' ଆୟୋଜନ କରାଯାଉଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ୪୨.୧୮ ଲକ୍ଷ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିବେ। ନେହେରୁ ଯୁବକେନ୍ଦ୍ର ସଙ୍ଗଠନର ପୂର୍ବାଞ୍ଚଳ ପକ୍ଷରୁ ଆସନ୍ତା ୧୩ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍' ଆୟୋଜନ କରାଯିବ। ଆସନ୍ତା ୧୩ ତାରିଖରେ ସ୍ଥାନୀୟ ସୁଭାଷ ବୋଷ ମ୍ୟୁଜିୟମଠାରେ 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍' କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯିବ । ଏଥିରେ ୫ ରାଜ୍ୟର ଯୁବ ସ୍ୱେଚ୍ଛାସେବୀ ଏବଂ ଓଡ଼ିଶାର ୩୦ ଜିଲାର ପ୍ରତିନିଧି ଭାଗନେବେ। 'ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍'ର ଜାତୀୟ କାର୍ଯ୍ୟକ୍ରମରେ ଭର୍ଚ୍ଚୁଆଲ୍ ମୋଡ୍‌ରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂହ ଠାକୁର ଏବଂ ରାଷ୍ଟ୍ରମନ୍ତ୍ରୀ ନିଶିଥ ପ୍ରାମାଣିକ ଯୋଗଦେବେ। ଚଳିତବର୍ଷ ଏହି କାର୍ଯ୍ୟକ୍ରମରେ ସୀମା ସୁରକ୍ଷାବଳ, କେନ୍ଦ୍ର ଶିଳ୍ପ ନିରାପତ୍ତା ବଳ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ, ରେଳବାଇ, ନେହେରୁ ଯୁବକେନ୍ଦ୍ର ସଙ୍ଗଠନ, ଇଣ୍ଡୋ-ତିବ୍ବତ ସୀମା ସୁରକ୍ଷା ବଳ ପ୍ରମୁଖ ଅଂଶଗ୍ରହଣ କରିବେ। ଦେଶର ୭୫ଟି ଐତିହାସିକ ସ୍ଥାନରେ ଅନୁରୂପ ଅଭିଯାନ ଆୟୋଜିତ ହେବ। କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟକ୍ରମ ହେବ। ଆବଶ୍ୟକ ସ୍ଥଳେ ଭର୍ଚ୍ଚୁଆଲ୍ ଓ ପ୍ରତ୍ୟକ୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପୂର୍ବାଞ୍ଚଳର ଉପ ନିର୍ଦ୍ଦେଶକ ଅଶୋକ କୁମାର ଦାସ ଓ ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାଏକ କଟକ ବାଖରାବାଦସ୍ଥିତ ସ୍ୱରାଜ ଆଶ୍ରମଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ**

ଭୁବନେଶ୍ୱର: ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ମଙ୍ଗଳବାର ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। କରୋନା ମହାମାରୀରେ ସମାଜକୁ ସାହାଯ୍ୟର ହାତ ବଢ଼ାଇଛନ୍ତି ସଂଗଠନ। ସ୍ଥାନୀୟ ରେଳ ସଦନ, ରେଳକୁଞ୍ଜ, ରେଳବିହାର ଏବଂ ମଞ୍ଚେଶ୍ୱର ରେଳୱେ କଲୋନି ପରିପାର୍ଶ୍ୱକୁ ପ୍ରତିଦିନ ପରିଷ୍କାର ପରିଚ୍ଛନ୍ନତା ପାଇଁ ସଫେଇ କର୍ମଚାରୀ ମାନଙ୍କ ନିରବଚ୍ଛିନ୍ନ ଏବଂ ମୂଲ୍ୟବାନ ସମୟ ଓ ସେବା ପ୍ରଦାନ ପାଇଁ ସେମାନଙ୍କୁ ଏହି ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

## ଛତୁଆ ଦୁର୍ନୀତି: କିରାଣି ଗିରଫ

### ୧.୫୭ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ

**ପୁରୀ ଅଫିସ,୧୧।୮:** ପୁରୀ ଜିଲାର ବିଭିନ୍ନ ଛତୁଆ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ଶିଶୁ ବିକାଶ ଅଧିକାରୀ କାର୍ଯ୍ୟାଳୟର କିରାଣି କୃଷ୍ଣଚନ୍ଦ୍ର ଜେନା ବୁଧବାର ଗିରଫ ହୋଇଛନ୍ତି। ତାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଟିମ ପକ୍ଷରୁ ଏକ ମାମଲା(ନଂ.୧୮/୨୧) ରୁଜୁ କରାଯାଇ ତଦନ୍ତ ଚାଲିଛି। ଗତ ଦୁଇଦିନର ଭିଜିଲାନ୍ସ ଚଢ଼ାଉ ମଧ୍ୟରେ ତାଙ୍କଠାରୁ ୧କୋଟି ୫୭ଲକ୍ଷ ୧୩ହଜାର ୫୧୪ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ମଙ୍ଗଳବାର କିରାଣି ଜେନାଙ୍କ ଘରେ ଚଢ଼ାଉ କରାଯାଇଥିଲା। ପୁରୀ ସମେତ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ ଚାଲିଛି। ପୁରୀ ସହରରେ ଥିବା ଶ୍ରୀଗୁଣ୍ଡିଚା ବିହାର ଘର, ବ୍ରହ୍ମଗିରି ପୈତୃକ ବାସଭବନ ସହ ଭୁବନେଶ୍ୱର ବାସଭବନରେ ମଧ୍ୟ ଚଢ଼ାଉ ହୋଇଛି। ପୁରୀଠାରେ ଗୋଟିଏ ତିନି ମହଲା କୋଠା, ଭୁବନେଶ୍ୱରରେ ଏକ ତିନି ମହଲା କୋଠା, ପୁରୀ ଜିଲାରେ ୫ଟି ପ୍ଲଟ୍ ଓ ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍। ୨ଟି ଚାରିଚକିଆ ଯାନ, ୧୦ଟି ଦୁଇ ଚକିଆଯାନ, ଫିକ୍ସଡ୍ ଡିପୋଜିଟ୍‌କୁ ମିଶାଇ ୪୯ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୭ ଲକ୍ଷ ୫୨ ହଜାର ଟଙ୍କାର ବୀମା ରାଶି ଜବତ ହୋଇଛି। ସର୍ବମୋଟ ୧ କୋଟି ୬୬ ଲକ୍ଷର ସମ୍ପତ୍ତି ମିଳିଥିଲା। ଚଢ଼ାଉରେ ଭିଜିଲାନ୍ସ ଡିଭିଜନର ୬ଜଣିଆ ଟିମ୍ ସହ ୨ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

## ସୁରଟ ଚାଲାଣ ବେଳେ ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୧୧।୮(ବ୍ୟୁରୋ):** ଗୁଜରାଟ ସୁରଟକୁ ଗଞ୍ଜେଇ ଚାଲାଣବେଳେ ଆର୍‌ପିଏଫ୍‌ର ଏସ୍କର୍ଟ ଟିମ୍ ଦୁଇ ଜଣଙ୍କୁ କାବୁ କରି ଜିଆର୍‌ପିକୁ ହସ୍ତାନ୍ତର କରିଛି। ଜିଆର୍‌ପି ଥାନା ପୋଲିସ ମାମଲା ନଂ.୫୫/୨୧ ରୁଜୁ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲାର ଚିରଞ୍ଜୀବ ନାହାକ ଏବଂ ଉତ୍ତରପ୍ରଦେଶ ଅଯୋଦ୍ଧାର ଭୂପିନ୍ଦର ପାଣ୍ଡେ। ଏମାନଙ୍କଠାରୁ ୭୧ ହଜାର ଟଙ୍କାର ୭ କିଲୋ ୧୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ର୍‌ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଜିଆର୍‌ପି ତନାଘନା ଜାରି ରଖିଛି। ସୂଚନା ଅନୁଯାୟୀ, ଚିରଞ୍ଜୀବ ଓ ଭୂପିନ୍ଦର ସୁରଟରେ କାମ କରନ୍ତି। ସେମାନେ ଓଡିଶା ଆସି ଗଞ୍ଜେଇ ନେଇ ସେଠାରେ ବିକ୍ରି କରିବାକୁ ଯୋଜନା କରିଥିଲେ। ଦୁଇଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ମଙ୍ଗଳବାର ପୁରୁଷୋତ୍ତମ ଏକ୍ସପ୍ରେସରେ ଖୋର୍ଦ୍ଧାରୁ ଟ୍ରେନ୍ ଚଢ଼ିଥିଲେ। ଆର୍‌ପିଏଫ୍‌ର ୫ ଜଣିଆ ଏସ୍କର୍ଟ ଟିମ୍ ଟ୍ରେନ୍‌ରେ ଯାଞ୍ଚ କରୁଥିବାବେଳେ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲେ।

## ଛେଳି ଚୋରି ବେଳେ ଧରାପଡ଼ିବାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୧୧।୮(ବ୍ୟୁରୋ):** ରାତିରେ ଗୁହାଳେ ପଶି ଛେଳି ଚୋରି କରୁଥିଲେ। ଧରାପଡିଯିବାରୁ ଯୁବକ ଜଣକ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ହାଇଟେକ୍ ହସ୍ପିଟାଲ ନିକଟ ମୁଣ୍ଡାସାହିର କାଳିଆ ସାନନ୍ଦ ଓରଫ ଶିବ(୨୩)। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଅଭିଯୁକ୍ତ କାଳିଆ ପଳାଶୁଣି ମୁଣ୍ଡାସାହିର ଲକ୍ଷ୍ମୀ ନାୟକଙ୍କ ଗୁହାଳେ ପଶି ଛେଳି ଚୋରି କରି ନେଇଯାଉଥିଲେ। ସେହି ସମୟରେ ଅନ୍ୟ ଛେଳି ବୋବାଇବାରୁ ଲକ୍ଷ୍ମୀଙ୍କ ନିଦ ଭାଙ୍ଗି ଯାଇଥିଲା। କାଳିଆ ଏକ ଛେଳିକୁ ନେଇଯାଉଥିବାବେଳେ ଲକ୍ଷ୍ମୀ ତାଙ୍କୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। କାଳିଆ ଧରାପଡିଯିବା ଭୟରେ ନିକଟରେ ଥିବା ଏକ ଛୁରିରେ ଲକ୍ଷ୍ମୀଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚିତ୍କାର ଶୁଣି ପଡୋଶୀ ଆସି ପହଞ୍ଚିଯିବାରୁ ଅଭିଯୁକ୍ତ କାଳିଆ ଦୌଡ଼ି ପଳାଇଥିଲେ। ଅଭିଯୋଗ ପରେ ପୋଲିସ ବିଭିନ୍ନ ଦଫାରେ ମାମଲା (ନଂ.୨୨୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୧୦୪କୁ ଦିନକୁ ଆସୁଛି ୩ଶହ ଫେକ୍ କଲ୍

**ଭୁବନେଶ୍ୱର,୧୧।୮(ବ୍ୟୁରୋ)**



- ଗୋଟିଏ ନମ୍ବରରୁ ଆସିଛି ୫ଶହରୁ ଊର୍ଦ୍ଧ୍ୱ କଲ୍
- ମହିଳା କର୍ମଚାରୀ, ଡାକ୍ତରଙ୍କୁ ଅଶ୍ଳୀଳ ଭାଷା
- ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ : ଡିସିପି

ମାଡାମ୍ ନମସ୍କାର, ଆମ ଘର ଗଳି ପଡିଛି, ମାଡାମ କରୋନା ଭାଇରସ୍ ମୋତେ ଧୋକା ଦେଇଛି, ଶହେ ଟଙ୍କା ଦିଅ ମୁଁ ମଦ ପିଇବି – ରାଜ୍ୟ ସରକାରଙ୍କ କୋଭିଡ୍ ହେଲ୍ପଲାଇନ୍ ନମ୍ବର '୧୦୪'କୁ ଏମିତି ପ୍ରତିଦିନ ୩ଶହରୁ ଊର୍ଦ୍ଧ୍ୱ ଫେକ୍ କଲ୍ ଆସୁଛି। କୋଭିଡ୍ ସଂକ୍ରାନ୍ତ ସହାୟତା ନିମନ୍ତେ ଏହି ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଥିବାବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅସାମାଜିକ ବ୍ୟକ୍ତି ବାରମ୍ବାର କଲ୍ କରି ହଇରାଣ କରୁଛନ୍ତି। ଏମିତିକି ଉକ୍ତ କଲ୍ ସେଣ୍ଟରରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀ ଓ ସହାୟତା ପ୍ରଦାନ ପାଇଁ ନିୟୋଜିତ ମହିଳା ଡାକ୍ତରଙ୍କୁ ମଧ୍ୟ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏନେଇ ୧୦୪ ହେଲ୍ପଲାଇନ୍ ପରିଚାଳନା ଦାୟିତ୍ୱରେ ଥିବା କମ୍ପାନୀ ଜିକିତ୍ସା ହେଲଥ୍ କେୟାର ପକ୍ଷରୁ ବୁଧବାର ଭୁବନେଶ୍ୱର ଶହୀଦନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗୋଟିଏ ନମ୍ବରରୁ ପ୍ରାୟ ୫୦୦ଥର କଲ୍ ଆସିଛି। ୩୦ଟି ନମ୍ବରରୁ ୫୦ରୁ ଅଧିକ ଥର ଲେଖାଏ ଓ ୧୦ଟି ନମ୍ବରରୁ ୧୦୦ରୁ ଅଧିକ ଥର ଲେଖାଏ କଲ୍ ଆସିଥିବା ଉଲ୍ଲେଖ କରାଯାଇଛି। ଏଥିମଧ୍ୟରୁ ଗୋଟିଏ ନମ୍ବରରୁ ୪୯୨ଥର, ଅନ୍ୟ ଏକ ନମ୍ବରରୁ ୨୦୧ଥର କଲ୍ ଆସିଥିବା ଦର୍ଶାଯାଇଛି। ୨୦୨୧ ଜାନୁୟାରୀରୁ ମେ' ମଧ୍ୟରେ ଏହି ସମସ୍ତ କଲ୍ ଆସିଛି। କେତେଜଣ ଯୁବତୀ ମଧ୍ୟ ଏଭଳି ଫେକ୍ କଲ୍ କରିଛନ୍ତି। ଯୁବତୀମାନେ କଲ୍ କରି ବିଶେଷକରି ଇଆଡୁ ସିଆଡୁ ଗୀତ ଗାଇବା ସହ ବିଭିନ୍ନ ଜରୁରିକାଳୀନ ସମ୍ବନ୍ଧୀୟ ମିଥ୍ୟା ତଥ୍ୟ ଦେଇ ସହାୟତା କରୁଥିବା କର୍ମଚାରୀଙ୍କୁ ଥଟ୍ଟା ପରିହାସ କରିଥିବା ଲେଖାଯାଇଛି। ଏପରିକି ପୂର୍ବରୁ ଅର୍ଥାତ୍ ୨୦୨୦ ଏପ୍ରିଲ୍ ୨୨ରେ ଫେକ୍ କଲ୍ ବାବଦରେ ସଂସ୍ଥା ପକ୍ଷରୁ ଶହୀଦନଗର ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା ବୋଲି ଉକ୍ତ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ୧୦୪ ହେଲ୍ପଲାଇନ୍ ପ୍ରୋଜେକ୍ଟ ହେଡ୍ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ୧୦୪ ଓ ୧୦୮ ହେଉଛି ରାଜ୍ୟ ସରକାରଙ୍କ ସିଙ୍ଗଲ୍ ହେଲ୍ପଲାଇନ୍ ନମ୍ବର। କୋଭିଡ୍ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେ କୌଣସି ସମସ୍ୟା ନେଇ ପ୍ରତିଦିନ ସହାୟତା ପାଇଁ ଏଠାକୁ ୩୦ରୁ ୩୫ ହଜାର କଲ୍ ଆସୁଛି। ସେଥିମଧ୍ୟରୁ ୩୦୦ରୁ ସାଢେ ୩୦୦ ଫେକ୍ କଲ୍ ରହୁଛି, ଯାହା କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟରେ ବାଧାସୃଷ୍ଟି କରିବା ସହ ସେମାନଙ୍କ ମନୋବଳ ଭାଙ୍ଗି ଦେଉଛି। ଏହାଦ୍ୱାରା ସାଧାରଣ ଲୋକେ ମଧ୍ୟ କେତେକାଂଶରେ ଉଚିତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ବାରମ୍ବାର କଲ୍ କରୁଥିବା ଲୋକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛୁ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଫେକ୍ କଲ୍ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନନ୍ଦନକାନନରେ ହାତୀ ବାସନ୍ତୀ ଅସୁସ୍ଥ



ଅସୁସ୍ଥ ହୋଇପଡ଼ିଥିବା ହାତୀ ବାସନ୍ତୀ।

**ବାରଙ୍ଗ,୧୧।୮(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ହାତୀ ସଫାରିରେ ରହୁଥିବା ମାଈ ହାତୀ ବାସନ୍ତୀ ବୁଧବାର ଅସୁସ୍ଥ ହୋଇପଡ଼ିଛି। ସେ କିଛିଦିନ ହେବ ଠିକ ଭାବେ ଖିଆପିଆ କରୁନାହିଁ। ବୟସାଧିକ କାରଣରୁ ସେ ବାରମ୍ବାର ବଦହଜମିର ଶିକାର ହେଉଛି। ବୁଧବାର ବଦହଜମିର ଶିକାର ହୋଇଛି। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ବାସନ୍ତୀର ଚିକିତ୍ସା କରିବା ପରେ ସେ ଏକ ପ୍ରକାର ସୁସ୍ଥ ହୋଇଛି। ଗୁରୁବାର ବିଶ୍ୱ ହସ୍ତୀ ଦିବସ ଥିବାରୁ କର୍ତ୍ତୃପକ୍ଷ ହାତୀ ବାସନ୍ତୀ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବାସନ୍ତୀକୁ ଗତ ୧୯୮୫ରେ ୨୧ବର୍ଷ ବୟସର ହୋଇଥିବା ବେଳେ ମାଡ୍ରାସର ଭନ୍ଦାଲୁରରୁ ନନ୍ଦନକାନନକୁ ଅଣାଯାଇଥିଲା। ତାକୁ ଏବେ ୫୭ବର୍ଷ। ନନ୍ଦନକାନନରେ ବର୍ତ୍ତମାନ ୪ଟି ହାତୀ ଅଛନ୍ତି। ସେମାନଙ୍କ ମଧ୍ୟରେ ବଡ଼ହାତୀ ପ୍ରେମା, ବାସନ୍ତୀ, ହୀରା ଓ ଛୁଆ ହାତୀ ମାମା।





ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ବୁଧବାର ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ମୁରୁଜରେ ତିଆରି କରିଥିବା ହୃଦୟ ଭିତରେ ହାତୀକୁ ସ୍ଥାନିତ କରି ନୂଆ ବାର୍ତ୍ତା ଦେଇଛନ୍ତି।

## ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ପିଇବା ପାଣିର ଅବ୍ୟବସ୍ଥା

### ଚିକିତ୍ସାଧିକାରୀଙ୍କୁ ଭେଟିଲା ଭାଜପା ଟିମ୍

**ବାଙ୍କୀ, ୧୧।୮(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ କିଛିଦିନ ଧରି ରୋଗୀ ସେବା ପାଇଁ ପାନୀୟ ଜଳର ଅବ୍ୟବସ୍ଥା ଲାଗି ରହିଛି। ୱାର୍ଡରେ ଥିବା ରୋଗୀମାନେ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ବାଙ୍କୀ ଏନ୍‌ଏସି ଭାଜପା ନଗର ମଣ୍ଡଳ ସଭାପତି ସଞ୍ଜୟ ରଣାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଭେଟି ଏହାର ପ୍ରତିକାର ଦାବି କରିଥିଲେ। ଗୋପାଳପୁର ଭାଜପା ମଣ୍ଡଳ ସଭାପତି ବିପ୍ରବର ଲେଙ୍କା, ଭାଜପା ସଂଯୋଜକ ସଂଗ୍ରାମ ବିଭୂତି ରାୟ ପ୍ରମୁଖ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଏହାର ପ୍ରତିକାର ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ଅଡି ବସିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଚିକିତ୍ସା ଅଧିକାରୀ ମହାପାତ୍ର ଚିକିତ୍ସାଳୟର କନିଷ୍ଠ ମ୍ୟାନେଜର ଶଶିକାନ୍ତ ମିଶ୍ରଙ୍କୁ ଡକାଇ ସେମାନଙ୍କ ସହ ଆଲୋଚନା କରାଇଥିଲେ। ମ୍ୟାନେଜର ମିଶ୍ରଙ୍କ ଉଦ୍ୟମ ପରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା।

## ନିୟୁ ଇଣ୍ଡିଆ @ ୭୫ କ୍ୟାମ୍ପେନରେ ଓସାକ୍ସ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏହି କ୍ରମରେ ଅଗଷ୍ଟ ୧୨ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ନିୟୁ ଇଣ୍ଡିଆ @ ୭୫ ଅଭିଯାନରେ ରାଷ୍ଟ୍ରୀୟ ଏଡ୍‌ସ ନିୟନ୍ତ୍ରଣ ସଙ୍ଗଠନ(ନାକୋ) ଯୁବବର୍ଗଙ୍କୁ ସାମିଲ କରି ସ୍ୱାସ୍ଥ୍ୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏହି ଅଭିଯାନରେ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି(ଓସାକ୍ସ) ସାମିଲ ହୋଇଛି। ନାକୋର ପରାମର୍ଶକ୍ରମେ ଓସାକ୍ସ ଏଚ୍‌ଆଇଭି କ୍ଷେତ୍ରରେ ଅଧିକ ସଂକ୍ରମିତ ଜିଲାରେ ରେଡ୍ ରିବନ କ୍ଲବ ଥିବା କଲେଜଗୁଡ଼ିକର ଛାତ୍ରୀଛାତ୍ରଙ୍କୁ ସାମିଲ କରି ଏଚ୍‌ଆଇଭି/ଏଡ୍‌ସ, ଯକ୍ଷ୍ମା ଏବଂ ରକ୍ତଦାନ ଉପରେ ସଚେତନତା କାର୍ଯ୍ୟକ୍ରମ କରିବ। ଏହି ଅଭିଯାନ ୨୦୨୨ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ କରାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅଗଷ୍ଟ ୧୨ ଗୁରୁବାର ଦେଶର ସମସ୍ତ ରାଜ୍ୟର ରେଡ୍ ରିବନ କ୍ଲବଗୁଡ଼ିକରେ ଏହି ଅଭିଯାନର ଉଦ୍‌ଘାଟନ କରିବେ। କାର୍ଯ୍ୟକ୍ରମ ଶୁଭାରମ୍ଭ ପରେ ୧୩ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଚ୍‌ଆଇଭି/ଏଡ୍‌ସ, ଯକ୍ଷ୍ମା ଓ ରକ୍ତଦାନ ବିଷୟକ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରି ୨୦୩୦ ସୁଦ୍ଧା ଏଚ୍‌ଆଇଭି ଓ ଯକ୍ଷ୍ମାର ମୂଳୋତ୍ପାଟନ ନିମନ୍ତେ ସହଯୋଗିତା ଓ ସହଭାଗିତାର ହାତ ବଢ଼ାଇବାକୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଯୁବଗୋଷ୍ଠୀ ଓ ଛାତ୍ର ସମାଜକୁ ଆହ୍ୱାନ ଦେଇଛନ୍ତି।

## 'ପୂର୍ବତଟ ରେଳପଥରୁ ୱାଲ୍‌ଟିୟର ଅଲଗା ନ ହେଉ'

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ

- ଚକ୍ରଧରପୁର ଓ ଖଡଗପୁର ଡିଭିଜନର ଓଡ଼ିଶା ଅଞ୍ଚଳକୁ ଇଷ୍ଟ କୋଷ୍ଟ ଜୋନ୍‌ରେ ମିଶାଯାଉ

୨୦୧୯ରେ ରେଳ ମନ୍ତ୍ରଣାଳୟ ପୂର୍ବତଟ ରେଳପଥ ଜୋନ୍‌ରୁ ୱାଲ୍‌ଟିୟର ଡିଭିଜନ ଅଲଗା କରିନେଇ ଆନ୍ଧ୍ରପ୍ରଦେଶ ପାଇଁ ଏକ ସ୍ୱତନ୍ତ୍ର ରେଳ ଜୋନ୍ ପ୍ରତିଷ୍ଠାର ଘୋଷଣା କରିଛି। ଏହି ନିଷ୍ପତ୍ତି ଯୋଗୁ ଇଷ୍ଟକୋଷ୍ଟ ଜୋନ୍‌ର ବଡ଼ କ୍ଷତି ହେବାକୁ ଯାଉଛି। ଏହାଦ୍ୱାରା ଇଷ୍ଟ କୋଷ୍ଟ ବାର୍ଷିକ ୫ରୁ ୧୦ ହଜାର କୋଟି ଟଙ୍କା ହରାଇବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଅଭିଯୋଗ ଆଣିଛନ୍ତି। ଏନେଇ ବୁଧବାର ଶ୍ରୀକାନ୍ତ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି।

ଶ୍ରୀକାନ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଇଷ୍ଟକୋଷ୍ଟ ରେଲୱେ ଜୋନ ୧୯୯୬ରେ ତତ୍କାଳୀନ ୟୁନାଇଟେଡ୍ ଫ୍ରଣ୍ଟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ପ୍ରତିଷ୍ଠା ହୋଇଥିଲା। ଏହାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ତତ୍କାଳୀନ ରେଳମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଉତ୍ସବରେ ସେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଭାବେ ଉପସ୍ଥିତ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ଦେଶର ସମସ୍ତ ରେଳଜୋନ୍ ମଧ୍ୟରେ ଏକ ନମ୍ବର ହୋଇପାରିଛି। ଏଠାରୁ ପ୍ରତିବର୍ଷ ୨୫ ହଜାର କୋଟି ଟଙ୍କାରୁ ଅଧିକ ଲାଭ ହେଉଛି। ଏହି ରେଳ ଜୋନ ପ୍ରତିଷ୍ଠା ଲାଗି ବହୁ ଛାତ୍ର ଓ ଯୁବନେତା ଦିଲ୍ଲୀର ତିହାର ଜେଲଠାରୁ ଆରମ୍ଭ କରି କଟକ ଓ ଖୋର୍ଦ୍ଧା ଜେଲରେ ସମୟ କଟାଇଛନ୍ତି। ତେଣୁ ଉକ୍ତ ରେଳଜୋନ୍‌କୁ ସଂକୀର୍ଣ୍ଣ କରା ନ ଯାଉ। ଏପରିକି ରେଲୱେରେ ଚାକିରି କ୍ଷେତ୍ରରେ ଓଡିଆ ପିଲାଙ୍କ ସଂଖ୍ୟା ଅତି ନଗଣ୍ୟ। ଯଦି କେନ୍ଦ୍ର ସରକାର ନୀତିଗତ ଭାବେ ରାଜ୍ୟ ଓ କେନ୍ଦ୍ରିକ ରେଳଜୋନ କରିବାକୁ ଯାଉଛନ୍ତି ତେବେ ଦକ୍ଷିଣ-ପୂର୍ବ ରେଳବାଇର ଚକ୍ରଧରପୁର ଓ ଖଡଗପୁର ଡିଭିଜନର ଓଡିଶା ଅଞ୍ଚଳକୁ ଇଷ୍ଟ କୋଷ୍ଟ ଜୋନ୍‌ରେ ମିଶାଇ ଦିଆଯାଉ ବୋଲି ସେ କହିଛନ୍ତି।

ଅଶ୍ୱିନୀ ବୈଷ୍ଣବ ବିଜେଡି ସମର୍ଥନରେ ରାଜ୍ୟ ସଭାକୁ ଯାଇ ରେଳମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ଉପରେ ଚାପ ପକାଇ ଓଡ଼ିଶାର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଗେଇ ଆସନ୍ତୁ ବୋଲି ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି।

## ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସହଯୋଗରେ ସୋମବାର ବିଶ୍ୱ ବିଜୟିନୀ ମହିଳା ମହାସଂଘ ପକ୍ଷରୁ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ଼ ନଂ.୧୦ର ଭୋଟପଡ଼ା ତ୍ରିନାଥ ମନ୍ଦିର ଠାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ସମସ୍ତ ବସ୍ତି ପରିକ୍ରମା କରି ହାଡ଼ବାଇ ବସ୍ତି ଅଞ୍ଚଳ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଶ୍ୱ ବିଜୟିନୀ ମହିଳା ମହାସଂଘ ସମ୍ପାଦିକା ଭାରତୀ ମହାପାତ୍ର, ଉପଦେଷ୍ଟା ପ୍ରଗତୀ ନାୟକ, ଉପସଭାପତି ବୀଣା ନାୟକ, କୋଷାଧ୍ୟକ୍ଷ କଳ୍ପନା ମଞ୍ଜରୀ ପତି ପ୍ରମୁଖ ସହଯୋଗ କରିଥିଲେ।

## ମିଳିଲାନି ଫସଲ ବୀମା, ପ୍ରତିବାଦ କଲେ ଚାଷୀ

**ବାଙ୍କୀ,୧୧।୮(ସ୍ୱ.ପ୍ର.)**

-ବାଙ୍କୀ ବ୍ଲକର ରତାଗଡ଼ ପଞ୍ଚାୟତର ସହଙ୍ଗା ଗୋପାଳପୁର ଓ ଗୋବିନ୍ଦପୁରର ଚାଷୀମାନେ ୨୦୨୦ରେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ସେହିବର୍ଷ ମହାନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ଉପରୋକ୍ତ ଦୁଇ ଗ୍ରାମର ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଥିଲା। ବାଙ୍କୀ କୃଷି ବିଭାଗ ଓ ତହସିଲର କର୍ମଚାରୀମାନେ ସେତେବେଳେ ସ୍ଥିତି ଅନୁଧ୍ୟାନ କରି କ୍ଷୟକ୍ଷତିର ବିବରଣୀ ଲିଖିତ ଭାବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଅନ୍ୟ ପଞ୍ଚାୟତର ଚାଷୀମାନେ ଫସଲ ବୀମା ଅର୍ଥ ପାଇ ସାରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଉପରୋକ୍ତ ୨ ଗ୍ରାମର ଚାଷୀଙ୍କୁ ବୀମା ଅର୍ଥ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବୁଧବାର ପଞ୍ଚାୟତର ଚାଷୀମାନଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କର୍ତ୍ତୃପକ୍ଷଙ୍କ ଏଭଳି ପାତରଅନ୍ତର ନୀତିର ପ୍ରତିବାଦ କରାଯାଇଥିଲା। ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଚାଷୀ ବିଶ୍ୱମ୍ଭର ଜେନା, ସନ୍ତୋଷ ମହାପାତ୍ର, ଅରବିନ୍ଦ ମହାପାତ୍ର, ସରୋଜ କୁମାର ସାହୁ, ଶ୍ରୀନିବାସ ସ୍ୱାଇଁ, ଉପେନ୍ଦ୍ର ରାଉତ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## 'ସିଲେକ୍ଟେଡ୍ ଡିସିସନ୍ସ' ଉନ୍ମୋଚିତ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ଓଡ଼ିଶା ସୂଚନା କମିଶନଙ୍କ ଦ୍ୱାରା ପ୍ରକାଶିତ 'ସିଲେକ୍ଟେଡ୍ ଡିସିସନ୍ସ' ସଂକଳନକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର ଉନ୍ମୋଚନ କରିଛନ୍ତି। ରାଜଭବନରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ରାଜ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ରାଜ୍ୟ ସୂଚନା କମିଶନର ବାଳକୃଷ୍ଣ ମହାପାତ୍ର ଏବଂ ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଉପସ୍ଥିତିରେ ସଂକଳନକୁ ଉନ୍ମୋଚନ କରି ଏହା ସୂଚନା ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ପାଇଁ ବେଶ୍ ଉପାଦେୟ ହେବ ବୋଲି ରାଜ୍ୟପାଳ କହିଛନ୍ତି। ମୁଖ୍ୟ ରାଜ୍ୟ ସୂଚନା କମିଶନର ସୁନୀଲ ମିଶ୍ର ସଂକଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା ସୂଚନା କମିଶନରଙ୍କ ସଚିବ ନରେନ୍ଦ୍ର କୁମାର ମନ୍ତ୍ରୀ, ରେଜିଷ୍ଟ୍ରାର ମାନସ କୁମାର ମିଶ୍ର, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକଙ୍କ ସମେତ ସୂଚନା କମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ।



ରାଜ୍ୟପାଳ ଓ ଅନ୍ୟମାନେ 'ସିଲେକ୍ଟେଡ୍ ଡିସିସନ୍ସ'କୁ ଉନ୍ମୋଚନ କରୁଛନ୍ତି।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ରିହର୍ସାଲ୍

**ଭୁବନେଶ୍ୱର,୧୧।୮(ବ୍ୟୁରୋ)**

ଗତବର୍ଷ ପରି ଏବର୍ଷ ମଧ୍ୟ ରାଜ୍ୟରେ କଟକଣାରେ ପାଳିତ ହେବ ରାଜ୍ୟ ସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ। ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ପତାକା ଉତ୍ତୋଳନ କରିବେ। ଏନେଇ ବୁଧବାର ପୋଲିସ ବିଭାଗ ପକ୍ଷରୁ ରିହର୍ସାଲ୍ ଆରମ୍ଭ ହୋଇଛି। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଏଥର ପରେଡ଼ ହେବ ନାହିଁ କି କୌଣସି ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ନାହିଁ। ଜାତୀୟ ପତାକାକୁ କେବଳ ସଲାମୀ ଦିଆଯିବ। ଏସ୍‌ଏସ୍‌ବିଏନ୍, ଓଏସ୍‌ଏପି ଓ ଓଡ୍ରାଫର ୩ ପ୍ଲାଟୁନ ସହ ଓଡିଶା ଷଷ୍ଠ ଓ ୭ମ ବାଟାଲିୟନର ଷ୍ଟେଟ୍ ବ୍ୟାଣ୍ଡ ଏହି ସମାରୋହରେ ଯୋଗଦେଇ ସଲାମୀ ଦେବେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ଉମାଶଙ୍କର ଦାସ ରିହର୍ସାଲ ସମୟରେ ଉପସ୍ଥିତ ରହି ଏହାର ସମୀକ୍ଷା କରିଥିଲେ।



ରିହର୍ସାଲ୍ ବେଳେ ଜାତୀୟ ପତାକାକୁ ସଲାମି ଦିଆଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ଅଗଷ୍ଟ, ୨୦୨୧



**ବିଭିନ୍ନ ଦାବି ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ**

ପୁରୀ ଅଫିସ :ପୁରୀ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ୫ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଅଧିକ ଶୌଚାଳୟ, ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା, ଖାଲିପଡ଼ିଥିବା ଅଧାପକ ପଦବୀ ପୂରଣ, ପଥରପୁରୀ ଓ ସୁକନ୍ୟା ହଷ୍ଟେଲ ପୁନରୁଦ୍ଧାର କରାଯିବାକୁ ଦାବି ହୋଇଛି। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାଶିର ନୱାଜ, ଆଲୋକ ଦାଶ, ଆଶୁତୋଷ ମିଶ୍ର, ସୌମ୍ୟରଞ୍ଜନ ବରାଳ, ମନୋଜ ମଣ୍ଡଳ, ଅନିଲ ବେଜଙ୍କ ନେତୃତ୍ୱରେ ରିଶାନ ଦାଶ, ଅଗଷ୍ଟିନ ଯୋସେଫ, ଯୁବରାଜ ସିଂ, ହିବଜୁଲ ରେହମାନ, ପୂଜାରାଣୀ ପଣ୍ଡା, ସୋନାଲି ତ୍ରିପାଠୀ, ପାୟଲ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୩ତମ ପ୍ରତିଷ୍ଠା ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

**କୋଣାର୍କ**

- ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ୮୬ତମ ପ୍ରତିଷ୍ଠା ଦିବସ ପାଳନ, ଚାରାରୋପଣ, ଛାତ୍ର ସମାବେଶ, କୋଣାର୍କ, ସକାଳ ୯ଟା ୧୫ରୁ ଆରମ୍ଭ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୧.୦୮.୨୦୨୧

୨୭୪୯ ଟଙ୍କା

# ସହରର ସବୁ ଘରେ ହେବ ଡିଜିଟାଲ ନମ୍ବରିଂ

ପୁରୀ ଅଫିସ,୧୧।୮

ପୁରୀ ସହରରେ ଡିଜିଟାଲ୍ ଡୋର୍ ନମ୍ବରିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ୫-ଟି ଜରିଆରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରରେ ଥିବା ସମସ୍ତ ଘର ମାଲିକଙ୍କର ଏକ ସ୍ୱତନ୍ତ୍ର ଡିଜିଟାଲ୍ ନମ୍ବର ରହିବ। ସମ୍ପୃକ୍ତ ନମ୍ବର ମାଧ୍ୟମରେ ପୌରସଂସ୍ଥା ସମ୍ପୃକ୍ତ ଘରମାଲିକଙ୍କ ସହ ଯୋଗାଯୋଗ ସ୍ଥାପନ କରିବ। ପାନୀୟଜଳ ଶୁଳ୍କ, ବିଦ୍ୟୁତ୍ ଶୁଳ୍କଠାରୁ ଆରମ୍ଭ କରି ସମସ୍ତ ସରକାରୀ ଯୋଜନାର ସୁବିଧା ଉଠାଇବା ପାଇଁ ଏହି ନମ୍ବରକୁ ବ୍ୟବହାର କରାଯିବ।

ଏଭଳି କାଗଜବିହୀନ କାର୍ଯ୍ୟ ଦ୍ୱାରା ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବା ସହ ଜନସାଧାରଣଙ୍କୁ ସରକାରୀ ଯୋଜନାର ସୁବିଧା ମଧ୍ୟ ମିଳିପାରିବ। ସେହିଭଳି ଜିଆଇଏସ୍ ବ୍ୟବସ୍ଥାକୁ ଉକ୍ତ ଡିଜିଟାଲ୍ ନମ୍ବରିଂ ସହ ଯୋଡ଼ିବା ନେଇ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉଛି। ଏହା ଦ୍ୱାରା ସମ୍ପୃକ୍ତ ନମ୍ବରରେ ଘର ମାଲିକଙ୍କ ପାଖରେ ଇଣ୍ଟରନେଟ୍ ସହାୟତାରେ ପହଞ୍ଚିବା ସହଜ ହେବ। ପ୍ରଶାସନ ପାଖରେ ତଥ୍ୟ ଏକତ୍ରୀକରଣ କରି ରଖିବା ପାଇଁ ଏହା ଏକ ଉତ୍ତମ ବ୍ୟବସ୍ଥା। ରାଜସ୍ୱ ଆଦାୟଠାରୁ ଆରମ୍ଭ କରି ଯୋଜନାର ଲାଭାର୍ଥ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସରକାରଙ୍କୁ ଏଭଳି ପଦ୍ଧତି ବହୁ ମାତ୍ରାରେ ସହାୟକ ହେବ। ସେହିଭଳି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଖବର ମିଳିବା ନେଇ ପ୍ରଶାସନ ନିକଟରେ ଥିବା ଆହ୍ୱାନକୁ ସାମ୍ନା କରିବା ଆହୁରି ସରଳ ହେବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଅନ୍ୟପକ୍ଷରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଏଭଳି ବ୍ୟବସ୍ଥା ପୌର ସଂସ୍ଥାକୁ ଅଧିକ ଦକ୍ଷ ଭାବେ କାର୍ଯ୍ୟ କରିବାରେ ସହଯୋଗ କରିବ। ଗୋଟିଏ ନିର୍ଦ୍ଦିଷ୍ଟ ନମ୍ବର ଲଗାଇ ସମ୍ପୃକ୍ତ ପରିବାର ପାଖରେ କେଉଁ କେଉଁ ଯୋଜନା ପହଞ୍ଚିଛି ଜାଣିବା ସମ୍ଭବ ହେବ, ଯାହା ଦ୍ୱାରା ଯୋଜନାର ସଫଳ ରୂପାୟନ ହୋଇପାରିବ। କୌଣସି ବ୍ୟକ୍ତିଙ୍କ ନାମ ନ ନେଇ ଏକ ଡିଜିଟାଲ ନମ୍ବର ମାଧ୍ୟମରେ ପ୍ରଶାସନ ତଥ୍ୟ ପାଇପାରିବ। ଅନ୍ୟପକ୍ଷରେ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ପ୍ରଶାସନର ଏଭଳି ପ୍ରୟାସ କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ସାପେକ୍ଷ। ସେହିଭଳି କେତେ ତଥ୍ୟ ପ୍ରଶାସନକୁ ଦେଇହେବ ତାହା ମଧ୍ୟ ବିଚାରଯୋଗ୍ୟ। କେବଳ ସରକାରୀ ବ୍ୟବସ୍ଥା ସହ ସମ୍ପୃକ୍ତ ତଥ୍ୟ ମଧ୍ୟରେ ପ୍ରଶାସନ ସୀମିତ ରହିବା ଦରକାର। ଜଣେ ବ୍ୟକ୍ତିର ଗୋପନୀୟତାକୁ ରକ୍ଷା କରି ଏଭଳି ଡିଜିଟାଲ ନମ୍ବରିଂ ହେବା ଆବଶ୍ୟକ।



ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି।

# ନିମାପଡ଼ାରେ ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**୨ ନବନିର୍ମିତ ପ୍ରକଳ୍ପକୁ ଉଦ୍‌ଘାଟନ କଲେ ମନ୍ତ୍ରୀ**

ନିମାପଡ଼ା,୧୧।୮(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ମହାପୁରୁଷ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜୟକୃଷ୍ଣ ରାଜଗୁରୁ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମୋହନ ଦାସଙ୍କ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚନ ହୋଇଯାଇଛି। ଏହି ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଉନ୍ମୋଚିତ ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ପୁରୀର ଉତ୍କଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଅବସରରେ ୪୦ଲକ୍ଷ ଟଙ୍କା ବ୍ୟୟରେ ଭିଲିଗ୍ରାମ ପଞ୍ଚାୟତର ନବନିର୍ମିତ ଗ୍ରାମୀଣ ଉଦ୍ୟାନ, ୭ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର ଗୃହକୁ ମନ୍ତ୍ରୀ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ମନ୍ତ୍ରୀ ଦାଶଙ୍କ ସମେତ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଉତ୍କଳ ସ୍ୱାଭିମାନ ମଞ୍ଚ(ପୁରୀ)ର ସଭାପତି ରାଧାକାନ୍ତ ଦାଶ, ସମ୍ପାଦକ ପ୍ରଭାକର ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ଡ.ବିଶ୍ୱଜିତ ଘୋଷ, ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସାମର୍ଥ, ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ବିଡିଓ ବସନ୍ତ ମଲ୍ଲିକ, ଯୁବନେତା ସୁଧୀର ରଞ୍ଜନ ଦାଶ, ବିଷ୍ଣୁପୁର ନୋଡାଲ ହାଇସ୍କୁଲର ସନ୍ତୋଷ କୁମାର ବେହେରା, ସରପଞ୍ଚ ସ୍ୱର୍ଣ୍ଣମୁଦ୍ରା ମହାରଣା, ଶିକ୍ଷାବିତ ଗୋପୀନାଥ କର ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିସରରେ ହୋଇଥିବା ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଅତ୍ୟନ୍ତ ଆନନ୍ଦ ଓ ଗର୍ବର ବିଷୟ ବୋଲି କହିଥିଲେ। ପରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଘନଶ୍ୟାମ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ସମାରୋହରେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ପୁରାତନ ଛାତ୍ର, ଶିକ୍ଷାବିତ, ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ଗୋପ ଥାନାଧିକାରୀଙ୍କ ବଦଳି

**ଖବରଦାତାଙ୍କୁ ଗାଳିଗୁଲଜ ଘଟଣା**

ଗୋପ,୧୧।୮(ଡି.ଏନ୍.ଏ.)

ଗୋପ ଅଞ୍ଚଳର ଜଣେ ଖବରଦାତାଙ୍କୁ ଗାଳିଗୁଲଜ କରିବା ଘଟଣାରେ ଗୋପ ଥାନାଧିକାରୀଙ୍କୁ ବଦଳି କରାଯାଇଛି। ପୋଲିସ ବିଭାଗ ଚିଠି ନଂ. ୧୪୭, ତା୧୦/୮/୨୦୨୧ରେ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ଯାଜପୁରକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ, ଗତ ମାସ ୩ ତାରିଖରେ କୋଶିଙ୍ଗା ଗ୍ରାମରେ ଏକ ହତ୍ୟା ଉଦ୍ୟମ ଘଟଣା ଘଟିଥିଲା। ଏହି ଘଟଣାରେ ଥାନାଧିକାରୀଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଫଳରେ ଥାନାଧିକାରୀ ଉତ୍ତକ୍ତ ହୋଇ ୮ ତାରିଖରେ ଖବରଦାତା ସୁବାସ ରଞ୍ଜନ ସେନାପତିଙ୍କୁ ଖବର ପ୍ରସାରଣ କରିଥିବା ଖବରଦାତା ସନ୍ତୋଷ ରାୟଙ୍କ ବିଷୟରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଗୋପ ସାମ୍ବାଦିକ ସଂଘ ଅସନ୍ତୋଷ ପ୍ରକାଶ କରି ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତ ମାସ ୨୬ ତାରିଖରେ ଜିଲାର ଗଣମାଧ୍ୟମ ପ୍ରତିନିଧି ଏକ ଶୋଭାଯାତ୍ରା କରି ଗୋପ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଥାନାଧିକାରୀଙ୍କୁ ତୁରନ୍ତ ଜିଲା ବଦଳି କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ପରେ ଏସ୍‌ପି କନୱର ବିଶାଲ ସିଂ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ସେହି ପ୍ରତିଶ୍ରୁତି ଅନୁସାରେ ରାଜ୍ୟ ପୋଲିସ ବିଭାଗର ଆଇଜି କେନ୍ଦ୍ରାଞ୍ଚଳ ଉକ୍ତ ଥାନାଧିକାରୀଙ୍କୁ ଯାଜପୁର ଜିଲାକୁ ବଦଳି କରିଛନ୍ତି। ଏହାକୁ ନେଇ ଗୋପ ସାମ୍ବାଦିକ ସଂଘ, ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ପୋଲିସ ଉଚ୍ଚ ବିଭାଗ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦିଆଯାଇଛି।

## ସଂକ୍ଷେପରେ

### ସମୁଦ୍ରକୂଳ ଥାନା ଘେରିଲେ ବେହେରାସାହି ବାସିନ୍ଦା

**ପୁରୀ ଅଫିସ,୧୧।୮:** ଡକାୟତି ଯୋଜନା କରୁଥିବାବେଳେ ସମୁଦ୍ରକୂଳ ଥାନା ପୋଲିସ ମଙ୍ଗଳବାର ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ପେଣ୍ଠକଟା ବେହେରା ସାହିର ଗିରିଧର ବେହେରା, ଗୌତମ ଦାସ, ଏ. ପେଟା ଶିବ ରହିଥିଲେ। ପୋଲିସ ଏ ନେଇ କେସ୍ ନଂ.୧୬୪/୨୧ ରୁଜୁ କରିଥିଲା। ତେବେ ଏହି ଡକାୟତି ମାମଲାରେ ଉକ୍ତ ଅଭିଯୁକ୍ତମାନେ ସମ୍ପୃକ୍ତ ନ ଥିବା ଦର୍ଶାଇ ବେହେରାସାହି ବାସିନ୍ଦା ବୁଧବାର ସମୁଦ୍ରକୂଳ ଥାନା ଘେରାଉ କରିଥିଲେ। ପୋଲିସ ମିଛ ମାମଲାରେ ଫସାଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛି ବୋଲି ବେହେରାସାହି ବାସିନ୍ଦା ଅଭିଯୋଗ କରିଛନ୍ତି।

### ବିଜେଡି ସମୀକ୍ଷା ବୈଠକ

**ବଳଙ୍ଗା,୧୧।୮(ଡି.ଏନ୍.ଏ.):** ନିମାପଡ଼ା ନିର୍ବାଚନମଣ୍ଡଳୀ ୧୮ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ ନୂଆସନ୍ଥ, ବଳଙ୍ଗା, ଗୋପୀନାଥପୁର, ଉଚ୍ଛୁପୁର, ହରିପୁର, କୋଟକୁସାଙ୍ଗ, ଗଡପଦନପୁର ପ୍ରଭୃତି ୮ଟି ପଞ୍ଚାୟତରେ ବିଜେଡି ପକ୍ଷରୁ ଜୋନସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତଗୁଡ଼ିକର ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି, ସାଙ୍ଗଠନିକ ସ୍ଥିତି ଦୃଢ଼ତା ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ସଙ୍ଗଠକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସ୍ଥିତି ସମୀକ୍ଷା କରିଥିଲେ। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ଶତାଧିକ କର୍ମୀ ନିଜ ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଥିଲେ। ନୂତନ କର୍ମୀମାନଙ୍କୁ ମନ୍ତ୍ରୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏହି ବୈଠକରେ ଦଳୀୟ ସଭାପତି, ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ କର୍ମୀ ଯୋଗଦେଇଥିଲେ। ପରେ ବଳଙ୍ଗା-ନିମାପଡ଼ା ମୁଖ୍ୟରାସ୍ତାର ବଳଙ୍ଗା ବଜାରରେ ଥିବା ନୂତନ ଯାତ୍ରୀ ବିଶ୍ରାମାଗାରକୁ ମନ୍ତ୍ରୀ ଦାଶ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ପ୍ରଦୀପ୍ତ କୁମାର ଖଟୋଇ, ଜୀବନାନନ୍ଦ ମହାପାତ୍ର, ଅଜିତ ଚାନ୍ଦ ଦାସ, ସରପଞ୍ଚ ଅଜିତ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ୨୫ ବର୍ଷ ହେବ ଏଠାରେ ଯାତ୍ରୀ ବିଶ୍ରାମାଗାର ନିମନ୍ତେ ସାଧାରଣରେ ଦାବି ହୋଇ ଆସୁଥିଲା।

# କୋଣାର୍କରେ ହେବ ଇନ୍‌ଡୋର ଷ୍ଟାଡିୟମ

କୋଣାର୍କ,୧୧।୮(ଡି.ଏନ୍.ଏ.)

କୋଣାର୍କ ଅଞ୍ଚଳରେ ଖୁବଶୀଘ୍ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୬କୋଟି ୯୭ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କୋଣାର୍କ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। କୋଣାର୍କ ଯାତ୍ରୀନିବାସରେ ସାମାଜିକ କର୍ମୀ ବ୍ରଜବନ୍ଧୁ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ରୀଡ଼ାମନ୍ତ୍ରୀ ଯୋଗ ଦେଇ କ୍ରୀଡ଼ାବିତଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏହି ଭେଟି ଆଶୀର୍ବାଦ ବୋଲି କହିଥିଲେ। ମହିଳା ସଭାନେତ୍ରୀ ଭାନୁମତୀ ରାଉତରାୟ, କୋଣାର୍କ ଫୁଟବଲ ଆସୋସିଏଶନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମୁରୁଡି, ଶଶିଭୂଷଣ ବାରିକ, ନଗର ସଭାପତି ଗୋପାଳଚନ୍ଦ୍ର ବେହେରା, ଜିଲା ସାଧାରଣ ସମ୍ପାଦକ ରାଜ କିଶୋର ମହାପାତ୍ର, ସଂଯୁକ୍ତା ତ୍ରିପାଠୀ, ପଦ୍ମଚରଣ ବେଉରା ଉପସ୍ଥିତ ଥିଲେ।

# ଛତୁଆ ଦୁର୍ନୀତି: କିରାଣି ଗିରଫ

**୧.୫୭ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ**

ପୁରୀ ଅଫିସ,୧୧।୮



କୃଷ୍ଣଚନ୍ଦ୍ର ଜେନା

ପୁରୀ ଜିଲାର ବିଭିନ୍ନ ଛତୁଆ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ଶିଶୁ ବିକାଶ ଅଧିକାରୀ କାର୍ଯ୍ୟାଳୟର କିରାଣି କୃଷ୍ଣଚନ୍ଦ୍ର ଜେନା ବୁଧବାର ଗିରଫ ହୋଇଛନ୍ତି। ତାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଟିମ ପକ୍ଷରୁ ଏକ ମାମଲା (ନଂ.୧୮/୨୧) ରୁଜୁ କରାଯାଇ ତଦନ୍ତ ଚାଲିଛି। ଗତ ଦୁଇଦିନର ଭିଜିଲାନ୍ସ ଚଢ଼ାଉ ମଧ୍ୟରେ ତାଙ୍କଠାରୁ ୧କୋଟି ୫୭ଲକ୍ଷ ୧୩ହଜାର ୫୧୪ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ମଙ୍ଗଳବାର କିରାଣି ଜେନାଙ୍କ ଘରେ ଚଢ଼ାଉ କରାଯାଇଥିଲା। ପୁରୀ ସମେତ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ ଚାଲିଛି। ପୁରୀ ସହରରେ ଥିବା ଶ୍ରୀଗୁଣ୍ଡିଚା ବିହାର ଘର, ବ୍ରହ୍ମଗିରି ପୈତୃକ ବାସଭବନ ସହ ଭୁବନେଶ୍ୱର ବାସଭବନରେ ମଧ୍ୟ ଚଢ଼ାଉ ହୋଇଛି। ପୁରୀଠାରେ ଗୋଟିଏ ତିନି ମହଲା କୋଠା, ଭୁବନେଶ୍ୱରରେ ଏକ ତିନି ମହଲା କୋଠା, ପୁରୀ ଜିଲାରେ ୫ଟି ପ୍ଲଟ୍ ଓ ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍। ୨ଟି ଚାରିଚକିଆ ଯାନ, ୧୦ଟି ଦୁଇ ଚକିଆଯାନ, ଫିକ୍ସଡ୍ ଡିପୋଜିଟ୍‌କୁ ମିଶାଇ ୪୯ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୭ ଲକ୍ଷ ୫୨ ହଜାର ଟଙ୍କାର ବୀମା ରାଶି ଜବତ ହୋଇଛି। ସର୍ବମୋଟ ୧ କୋଟି ୬୬ ଲକ୍ଷର ସମ୍ପତ୍ତି ମିଳିଥିଲା। ଚଢ଼ାଉରେ ଭିଜିଲାନ୍ସ ଡିଭିଜନର ୬ଜଣିଆ ଟିମ୍ ସହ ୨ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

# ୫୯୪ ଛାତ୍ରୀଛାତ୍ର ନବୋଦୟ ପରୀକ୍ଷା ଦେଲେ

ଡେଲାଙ୍ଗ/କଣାସ, ୧୧।୮ (ଡି.ଏନ୍.ଏ./ସ୍ୱ.ପ୍ର.)

ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ ପରିସରରେ ଛାତ୍ରୀଛାତ୍ରମାନଙ୍କ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୯୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ତାଲିକା ପ୍ରକାଶ ପାଇଥିଲା। ସେଥିମଧ୍ୟରୁ ରାଧାକାନ୍ତ ବିଦ୍ୟାପୀଠ କେନ୍ଦ୍ରରେ ୧୨୯ ଛାତ୍ରୀଛାତ୍ରରୁ ୧୦୯ ପରୀକ୍ଷା ଦେଇଥିବା ବେଳେ ବେରବୋଇ ଉଚ୍ଚ ବିଦ୍ୟାଳୟରେ ୧୬୮ଙ୍କ ମଧ୍ୟରୁ ୧୪୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉଭୟ କେନ୍ଦ୍ରରେ ମୋଟ ୨୫୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪୭ଜଣ ଅନୁପସ୍ଥିତ ଥିବାନେଇ ମଣ୍ଡଳ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ରାଧାକାନ୍ତରେ ନବୋଦୟ ପର୍ଯ୍ୟବେକ୍ଷକ ଜ୍ୟୋତି ଉପସ୍ଥିତ ଥିବାବେଳେ ପ୍ରଧାନ ଶିକ୍ଷକ ଅଜୟ ଭୋଇ ଓ ବେରବୋଇ ପ୍ରଧାନ ଶିକ୍ଷୟିତ୍ରୀ କାମିନୀପ୍ରଭା ବେହେରା, ଏବିଇଓ ଯୁଧିଷ୍ଠିର ପରିଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କଣାସ ବ୍ଲକର ୨ଟି କେନ୍ଦ୍ରରେ ୩୪୪ଜଣ ବିଦ୍ୟାର୍ଥୀ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮୫ଜଣ ଓ ମହନ୍ତ ବନମାଳିଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଉଭୟ କେନ୍ଦ୍ରରେ ୬୦ଜଣ ଅନୁପସ୍ଥିତ ଥିଲେ। ୨ କେନ୍ଦ୍ରରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କେନ୍ଦ୍ରପରିଚାଳକ ଭାବେ କାର୍ଯ୍ୟକରିଥିବା ବେଳେ ଜବାହାର ନବଦୋୟ ବିଦ୍ୟାଳୟ କୋଣାର୍କରୁ ଲକ୍ଷ୍ମୀଧର ମଲ୍ଲିକ ଓ ଚନ୍ଦ୍ରକାନ୍ତି ମହାପାତ୍ର ପର୍ଯ୍ୟବେକ୍ଷକ ଥିଲେ। କଣାସ ମଣ୍ଡଳ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ଓ ସହଶିକ୍ଷାଅଧିକାରୀ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।

# ପୁରୀ ସହରବାସୀ କରିବେ କଟକଣାମୁକ୍ତ ଦର୍ଶନ

**୪୫ ହଜାର ଲୋକଙ୍କୁ ମିଳିବ ଟୋକନ**

ପୁରୀ ଅଫିସ,୧୧।୮



ଶ୍ରୀମନ୍ଦିରରେ ପୁରୀ ସହରବାସୀଙ୍କ ଦର୍ଶନ ବ୍ୟବସ୍ଥା ଆସନ୍ତା ୧୬ତାରିଖରେ ହେବାକୁ ଥିବା ବେଳେ ପୌରସଂସ୍ଥା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ପୁରୀ ପୌରାଞ୍ଚଳର ୱାର୍ଡୱାରୀ ତାଲିକା ପ୍ରକାଶ ପାଇସାରିଛି। ଯେଉଁଦିନ ଯେଉଁ ୱାର୍ଡ ଲୋକଙ୍କ ଦର୍ଶନ ପାଳି ରହିଛି ସେମାନେ ସେହିଦିନ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ତେବେ ପୌରସଂସ୍ଥା ସହରବାସୀଙ୍କ ପାଖରେ ଟୋକନ୍ ପହଞ୍ଚାଇବା ନେଇ ବ୍ୟବସ୍ଥା କରୁଛି। ପୌରସଂସ୍ଥାର ଏକ ୧୨୦ଜଣିଆ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ସମ୍ପୃକ୍ତ କର୍ମଚାରୀମାନେ ଘର ଘର ବୁଲି ଟୋକନ୍ ପହଞ୍ଚାଇବେ। ସମ୍ପୃକ୍ତ ଟୋକନ୍ ଓ ପରିଚୟପତ୍ର ଦେଖାଇ ସହରବାସୀ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ତେବେ ପ୍ରତି ପରିବାରକୁ ଗୋଟିଏ ଲେଖାଏ ଟୋକନ୍ ପ୍ରଦାନ କରାଯିବ। ଟୋକନ୍‌ରେ ସମୁଦାୟ ପରିବାରର ସଦସ୍ୟଙ୍କ ସଂଖ୍ୟା ଉଲ୍ଲେଖ ଥିବା ବେଳେ ସଦସ୍ୟମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସେହିଭଳି ପୁରୀ ସହରରେ ଭଡ଼ା ରହୁଥିବା ଲୋକେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେବେ ନାହିଁ। ପୌରସଂସ୍ଥା ପକ୍ଷରୁ ସର୍ଭେ କରାଯାଇ ସେମାନଙ୍କୁ ମଧ୍ୟ ଟୋକନ୍ ଦିଆଯିବ। ପାଖାପାଖି ୪୫ ହଜାର ଲୋକେ ଏଭଳି ଦର୍ଶନ ସୁବିଧା ପାଇବେ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଦର୍ଶନ ସୁବିଧା ପରିଚାଳିତ ହେବ ବୋଲି ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ସହରବାସୀଙ୍କ ପାଇଁ ଆର୍‌ଟି-ପିସିଆର୍ ଟେଷ୍ଟ ରିପୋର୍ଟ ଓ ଡବଲ୍ ଡୋଜ୍ କୋଭିଡ୍ ଟିକାକୁ ବାଧ୍ୟତାମୂଳକ କରାଯିବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ଏନେଇ ବୁଧବାର ଏସ୍‌ଓପିରେ ସ୍ପଷ୍ଟ କରିଛି। ସହରବାସୀଙ୍କ ପାଇଁ ଏଭଳି କଟକଣା ରହିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମୂଲ୍ୟ



@ ଚିନ୍ମୟୀ



@ ଲକ୍ଷ୍ମୀକାନ୍ତ



@ ଇନ୍ଦୁ



@ ସ୍ରିଷ୍ଟି



@ ଦିବ୍ୟରଞ୍ଜନ

# ମିଶନ ସଞ୍ଜୀବନୀ କାର୍ଯ୍ୟକ୍ରମ

କୋଣାର୍କ,୧୧।୮(ଡି.ଏନ୍.ଏ.)

କୋଣାର୍କ ଯାତ୍ରୀନିବାସଠାରେ ବୁଧବାର ଅକ୍ସଫାମ ଇଣ୍ଡିଆ ପକ୍ଷରୁ ମିଶନ ସଞ୍ଜୀବନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ଅକ୍ସଫାମ ଇଣ୍ଡିଆର ଆଞ୍ଚଳିକ ପରିଚାଳକ ଅକ୍ଷୟ ବିଶ୍ୱାଳ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, ଡା. ବିଧୁଭୂଷଣ ନାୟକ, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଓ କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ ଅତିଥିରୂପେ ଯୋଗଦେଇ କୋଭିଡ ଯୋଦ୍ଧାଙ୍କର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୋଣାର୍କ ଅଞ୍ଚଳର ୨୪ଜଣ ଅଙ୍ଗନୱାଡ଼ି କର୍ମୀ, ୪ଜଣ ଆଶାକର୍ମୀ ଓ ୩ଜଣ ଏଏନ୍‌ଏମଙ୍କୁ ସ୍ୱାସ୍ଥ୍ୟସୁରକ୍ଷା କିଟ୍ ବିତରଣ କରାଯାଇଛି। କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନାୟକ ଅକ୍ସଫାମ ପକ୍ଷରୁ ପ୍ରଦତ୍ତ ସ୍ୱାସ୍ଥ୍ୟ ସୁରକ୍ଷା କିଟରେ ଥିବା ଉପକରଣଗୁଡ଼ିକର ବ୍ୟବହାର ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀଙ୍କୁ ବୁଝାଇଥିଲେ। ପରେ ଅକ୍ସଫାମ ଇଣ୍ଡିଆ ପକ୍ଷରୁ ଏନ୍‌ଏସି କାର୍ଯ୍ୟାଳୟକୁ ୨ହଜାର ମାସ୍କ, ପର୍ଯ୍ୟଟନ କାର୍ଯ୍ୟାଳୟକୁ ୧ ହଜାର, କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ହଜାର, କୋଣାର୍କ ଥାନାକୁ ୨ ହଜାର, ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର କାର୍ଯ୍ୟାଳୟକୁ ୨ହଜାର ଓ ଗୋପ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ୧ ହଜାର ମାସ୍କ ପ୍ରଦାନ କରାଯାଇଥିଲା। ସୋଲାରର କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ରସାନନ୍ଦ ମହାନ୍ତି, ଭାଗ୍ୟରଥୀ ବରାଳ, ନିର୍ମଳ ପ୍ରଧାନ ଓ ସୁନୀତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ କରୋନା ଯୋଦ୍ଧାଙ୍କୁ କରୋନା କିଟ୍ ପ୍ରଦାନ କରୁଛନ୍ତି।

## ମୋବାଇଲ୍ ଚୋରି ଘଟଣା: ଅଭିଯୁକ୍ତ ଗିରଫ

ଜଟଣୀ,(ଡି.ଏନ୍.ଏ): ଜଟଣୀ ପୋଲିସ ଏକ ମୋବାଇଲ ଫୋନ୍ ଚୋରି ଘଟଣାରେ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ପୌରାଞ୍ଚଳ ଅଧୀନ ରାଜା ବଜାର ଗଜପତି ନଗର ଅଞ୍ଚଳର ଏମ୍. ସୋମନାଥ ରାଓ। ତାଙ୍କଠାରୁ ଚୋରି ହୋଇଥିବା ରେଡ୍‌ମି ନୋଟ୍-୭ ମୋବାଇଲ ଫୋନ୍ ସହିତ ଅନ୍ୟ ୨ଟି ମୋବାଇଲ୍ ଫୋନ ଜବତ କରାଯାଇଛି। ଏ ନେଇ କେସ୍ ନଂ. ୩୭୬/୨୧ ରୁଜୁ ହୋଇଥିଲା।

## ସଂକ୍ଷେପରେ

### ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୧୧।୮(ଡି.ଏନ୍.ଏ):ଜଟଣୀ ପୌରାଞ୍ଚଳର ୨୨ନମ୍ବର ୱାର୍ଡ ଅଧୀନ ମାଲଗୋଦାମ ଅଞ୍ଚଳରେ ବୁଧବାର ଝୁଲନ୍ତା ଅବସ୍ଥାରେ ଜଣେ ଶ୍ରମିକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କ ନାମ ସୁଶାନ୍ତ ନାୟକ। ପୁରୀ ଜିଲା ବ୍ରହ୍ମଗିରି ସାନକନ୍ଦିଲୋ ଗ୍ରାମର ସୁଶାନ୍ତ ପରିବାର ସହିତ ଜଟଣୀ କୁଦିଆରୀ ବଜାର ମାଲଗୋଦାମ ଅଞ୍ଚଳର ଏକ ଭଡ଼ାଘରେ ୭ବର୍ଷ ଧରି ରହିଆସୁଥିଲେ। ସେ ଏଫ୍‌ସିଆଇ ଗୋଦାମରେ ଶ୍ରମିକ ଭାବେ କାମ କରୁଥିଲେ। ଜଟଣୀରୁ ସମ୍ବଲପୁର ଜିଲା ଅତାବିରା ଏଫ୍‌ସିଆଇ ଗୋଦାମକୁ ତାଙ୍କର ବଦଳି ହୋଇଯିବା ଏବଂ ଅଧିକାଂଶ ସମୟରେ ଦେହ ଅସୁସ୍ଥ ରହୁଥିବାରୁ ସେ ଠିକ୍ ଭାବେ କାମ କରିପାରୁ ନ ଥିଲେ। ପରିବାର ପ୍ରତିପୋଷଣ ପାଇଁ ବହୁ ଅର୍ଥ ଧାର କରିଥିଲେ। ଜଟଣୀକୁ ବଦଳି ପାଇଁ ଚେଷ୍ଟା କରି ବିଫଳ ହେବା ପରେ ସେ ମାନସିକ ଚାପରେ ରହୁଥିଲେ। ମଙ୍ଗଳବାର ସ୍ତ୍ରୀ ଓ ପିଲାଙ୍କୁ ଗାଁକୁ ପଠାଇଦେଇ ରାତିରେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ମୃତ ସୁଶାନ୍ତଙ୍କ ସାନଭାଇ ପ୍ରଶାନ୍ତ ନାୟକ କହିଛନ୍ତି। ପରିବାର ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ନଂ. ୩୧/୨୧ ରୁଜୁ କରି ବ୍ୟବଚ୍ଛେଦ ପାଇ ପଠାଇଛି ବୋଲି ତଦନ୍ତକାରୀ ଅଧିକାରୀ ସନ୍ତୋଷ ଜେନା କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୧୧।୮: ଖୋର୍ଦ୍ଧା ଉପରସାହିରୁ ବୁଧବାର ଆଦର୍ଶ ଥାନା ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ବାଲିଗାଡିଆ ଗ୍ରାମର ପ୍ରଶାନ୍ତ ସାମନ୍ତରାୟ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରିଛି। ପ୍ରଶାନ୍ତ ଏକ ବର୍ଷ ହେବ ଉପର ସାହିରେ ଭଡାଘରେ ରହୁଥିଲେ । ସକାଳୁ ସାହି ପଡ଼ିଶା ଏ ନେଇ ପୋଲିସକୁ ଖବର ଦେଇଥିଲେ।

### ୩୮୮ ବିଦ୍ୟାର୍ଥୀ ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

ବାଣପୁର,୧୧।୮(ଡି.ଏନ୍.ଏ.): ବାଣପୁର ବ୍ଲକରେ ଜବାହର ନବୋଦୟ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ବୁଧବାର କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଛି। ସମୁଦାୟ ୫୧୨ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେବାପାଇଁ ଆବେଦନ କରିଥିବା ବେଳେ ୪ଟି ପରୀକ୍ଷା କେନ୍ଦ୍ରରେ ୩୮୮ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଗୋଦାବରୀଶ ବିଦ୍ୟାପୀଠରେ ୧୫୬ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ୧୨୪ଜଣ ପରୀକ୍ଷା ଦେଇଥିଲେ। ସେହିପରି ଭୀମପୁର ବାନାମ୍ବର ଏକାଡେମିରେ ୧୧୬ରୁ ୮୭ଜଣ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୧୨୦ରୁ ୯୩ଜଣ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୨୦ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୮୪ଜଣ ପରୀକ୍ଷା ଦେଇଛନ୍ତି। ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର, ଶାନ୍ତିଲତା ପାତ୍ର, କୈଳାସ ଚନ୍ଦ୍ର ଲାଠି ଓ ବିଜୟଲକ୍ଷ୍ମୀ ହରିଚନ୍ଦନ ପ୍ରମୁଖ କେନ୍ଦ୍ର ପରିଚାଳନା କରିଥିଲେ। ଅତିରିକ୍ତ ତହସିଲଦାର ପ୍ରମୋଦ ପାଢ଼ୀ, ବିଇଓ ସନାତନ ଜାଲି, ଦେଉଳି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୀତାକାନ୍ତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଭୋଳ, ଏବିଇଓ ସନ୍ଧ୍ୟାରାଣୀ ହରିଚନ୍ଦନ, ବିଆରସିସି ଯୋଗୀ ସ୍ୱାଇଁ ପ୍ରମୁଖ କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟନିର୍ବାହ କରିଥିଲେ ।

# ବର୍ଷା ନାହିଁ, ଜମି ଫାଟିଲାଣି

ଖୋର୍ଦ୍ଧା ଅଫିସ,୧୧।୮




ଜରିପୁଟରେ ଜଣେ ଚାଷୀ ପମ୍ପସେଟ୍ ଦ୍ୱାରା ଜମିକୁ ପାଣି ମଡ଼ାଉଛନ୍ତି। ଜଟଣୀ ବ୍ଲକର ବିନ୍ଧ୍ୟଗିରି ପାହାଡ଼ ଉପରେ ଲୋକେ ପୂଜାପାଠ କରୁଛନ୍ତି।

- ବାଧାପ୍ରାପ୍ତ ହେବ ଖରିଫ ଚାଷ, ଚିନ୍ତାରେ ଚାଷୀ
- ଚାଲିଛି ବେଙ୍ଗବେଙ୍ଗୁଲି ବିବାହ, ଗିରି ଗୋବର୍ଦ୍ଧନ ପୂଜା

ଶ୍ରାବଣ ମାସ ଅଧା ହେଲାଣି। ମୌସୁମୀ ବର୍ଷାର ଦେଖାନାହିଁ। ଧାରା ଶ୍ରାବଣରେ ଜମି ଓଦା ହେବା ପରିବର୍ତ୍ତେ ଫାଟି ଆଁ କଲାଣି। ଆଷାଢରେ ବର୍ଷା ନ ଥିବା ବେଳେ ଶ୍ରାବଣରେ କମ୍ ବୃଷ୍ଟିପାତ ଯୋଗୁ ଚାଷୀ ଚିନ୍ତାରେ ପଡ଼ିଛି। ଖରିଫ ଚାଷ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଚଳିତ ଖରିଫ ଋତୁରେ ୧ଲକ୍ଷ ୫ହଜାର ୮୬୦ ହେକ୍ଟର ଜମିରେ ଚାଷ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ ଜମିରେ ଚାଷ କାମ ଆରମ୍ଭ ହୋଇଛି। ପ୍ରାୟତଃ ଢିପ ଜମି ପଡ଼ିଆ ପଡ଼ିଥିବା ଦେଖିବାକୁ ମିଳିଛି। ଗତବର୍ଷ ଏହି ସମୟରେ ଜିଲାରେ ୭୦ ପ୍ରତିଶତ ଚାଷ କାର୍ଯ୍ୟ ସରିଥିବା ବେଳେ ବୁଧବାର ସୁଦ୍ଧା ଏହାର ଅର୍ଦ୍ଧାଧିକ ଜମିରେ କାମ ମନ୍ଥର ଗତିରେ ଚାଲିଛି। ସ୍ୱାଭାବିକ ଠାରୁ କମ୍ ବର୍ଷା ଯୋଗୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି।

ଗତବର୍ଷ ଲଘୁଚାପଜନିତ ବର୍ଷା ଯୋଗୁ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଯାଇ ଫସଲ ନଷ୍ଟ ହୋଇଥିଲା। ଚଳିତ ବର୍ଷ ଭଲ ଫସଲ ଆଶାରେ ଚାଷୀ ଅକ୍ଷୟ ତୃତୀୟାରେ ଅଖି ମୁଠି ଅନୁକୂଳ କରିଥିଲେ। ବର୍ଷା ଅଭାବରୁ ଚଳିତ ବର୍ଷ ପ୍ରାୟ ଅଞ୍ଚଳରେ ଜୁନ ଶେଷ ଆଡ଼କୁ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜୁଲାଇ ଦ୍ୱିତୀୟ ସପ୍ତାହ ଶେଷ ବେଳକୁ ବର୍ଷା ହୋଇଥିଲେ ମଧ୍ୟ ଅଗଷ୍ଟ ପହିଲାରୁ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ଖୋର୍ଦ୍ଧା, ଜଟଣୀ, ବୋଲଗଡ଼, ବେଗୁନିଆ ପ୍ରଭୃତି ଅଞ୍ଚଳରେ ଚାଷୀ ବିଳମ୍ବରେ ତଳି ରୋଇଛନ୍ତି। ଅନେକ ଜମିରେ ତଳିରୁଆ ହୋଇପାରିନାହିଁ। ବର୍ଷା ଅଭାବରୁ ଜରିପୁଟ, ବଘେଇପୁଟ ପ୍ରଭୃତି ଅଞ୍ଚଳରେ ଚାଷୀ ପମ୍ପସେଟ ମାଧ୍ୟମରେ ଜମିକୁ ପାଣି ପହଞ୍ଚାଇବାକୁ ବାଧ୍ୟ ହେଉଛନ୍ତି। ଭୁବନେଶ୍ୱର ଓ ଜଟଣୀ ସହରତଳି ଅଞ୍ଚଳରେ ବର୍ଷା ଅଭାବରୁ ଚାଷୀ ଚିନ୍ତାରେ ଅଛନ୍ତି। ବୋଲଗଡ଼, ବେଗୁନିଆ ପ୍ରଭୃତି ବ୍ଲକରେ କିଛି ପରିମାଣର ବର୍ଷା ହୋଇଥିବାବେଳେ ଟାଙ୍ଗୀ, ବାଣପୁର, ଚିଲିକା ବ୍ଲକରେ ଚାଷୀ ପମ୍ପସେଟ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା କରାଯାଇଛି। ବର୍ଷାଭାବ ଦୂର କରିବା ଲାଗି ଖୋର୍ଦ୍ଧା, ବେଗୁନିଆ, ଜଟଣୀ ପ୍ରଭୃତି ଗ୍ରାମାଞ୍ଚଳରେ ବେଙ୍ଗବେଙ୍ଗୁଲି ବିବାହ ଓ ଗିରି ଗୋବର୍ଦ୍ଧନ ପୂଜା କରାଯାଉଛି। ଜୁଲାଇରେ ଜିଲାର ୧୦ ବ୍ଲକ ମଧ୍ୟରୁ ଭୁବନେଶ୍ୱର, ବାଲିଅନ୍ତା ଓ ବାଲିପାଟଣାରେ ବୃଷ୍ଟିପାତ ସ୍ୱାଭାବିକ ରହିଥିବା ବେଳେ ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ଚିଲିକା, ବାଣପୁର ଏବଂ ଖୋର୍ଦ୍ଧା ବ୍ଲକରେ ସ୍ୱାଭାବିକ ଠାରୁ କମ୍ ବୃଷ୍ଟିପାତ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ସାର କଳାବଜାରୀ ଚାଲିଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଚଢା ଦରରେ ସାର ବିକ୍ରି ନେଇ କେତେଜଣ ଚାଷୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସାର କଳାବଜାର ରୋକିବାକୁ କୃଷି ବିଭାଗ ପକ୍ଷରୁ ପ୍ରତି ବ୍ଲକରେ ଫର୍ଟିଲାଇଜର ଇନ୍ସପେକ୍ଟରଙ୍କୁ ନେଇ ସ୍କ୍ୱାଡ୍ ଗଠନ କରାଯାଇଛି। ଜିଲା ସ୍ତରରେ ଜିଲା କୃଷି ଅଧିକାରୀଙ୍କ ନେତୃତ୍ୱରେ ଟିମ ଗଠନ ହୋଇଛି। ସାର କଳାବଜାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲାରେ ସାର ସମସ୍ୟା ନାହିଁ। ୨୫୦ ଡିଲର ପଏଣ୍ଟ, ୧୦୮ ସମବାୟ ସମିତି ଓ ୨୪ଟି ଘରୋଇ ସଂସ୍ଥାକୁ ବିକ୍ରି ଅନୁମତି ଦିଆଯାଇଛି। ବାଣପୁରରେ ଜନୈକ ବ୍ୟକ୍ତି ସାର ଗଚ୍ଛିତ କରି ବେଆଇନ ଭାବେ ବିକ୍ରି କରୁଥିବା ଅଭିଯୋଗ ଆସିବା ପରେ ଏହାକୁ ସିଲ୍ କରାଯାଇଛି। ସମସ୍ୟା ସମାଧାନ ସକାଶେ ପ୍ରତି ପଞ୍ଚାୟତରେ ଗୋଟିଏ ଗ୍ରୁପ୍‌ରେ ୨୫୦ ଚାଷୀଙ୍କୁ ନେଇ ହ୍ୱାଟ୍‌ସ ଆପ୍ ଗ୍ରୁପ କରାଯାଇଛି। ଜିଲାର ୧୯୦ ପଞ୍ଚାୟତରେ ୨୩୪୦୦ ହ୍ୱାଟ୍‌ସ ଆପ୍ ଗ୍ରୁପ୍ ରହିଛି। ଦୈନିକ କୃଷି ବିଭାଗରୁ ଆସୁଥିବା ସମସ୍ତ ଖବର ଏହା ମାଧ୍ୟମରେ ଚାଷୀଙ୍କ ନିକଟରେ ପହଞ୍ଚାଯାଉଛି। ବର୍ଷା ଅଭାବରୁ ତଳି ପୋଡିଯିବା ଭଳି ସମସ୍ୟା ଆସିନାହିଁ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି।

## ୧୬ ଗ୍ରାମ ବ୍ରାଉନସୁଗାର ଜବତ, ମହିଳା ଗିରଫ



ଖୋର୍ଦ୍ଧା ଅଫିସ,୧୧।୮

ଧଳାଜହର କାରବାର ହବ୍ ପାଲଟିଛି ଖୋର୍ଦ୍ଧା। ଲଗାତର ଚଢ଼ାଉ ସତ୍ତ୍ୱେ ଏହି କାରବାର ରୋକା ଯାଇପାରୁନାହିଁ। ଗୁରୁଜଙ୍ଗ, ସାମନ୍ତରାପୁର ଅଞ୍ଚଳରେ ଏହି କାରବାର କାୟା ମେଲାଇଛି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ମହିଳାମାନେ ଏହି କାରବାର କରୁଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଅବକାରୀ ପୋଲିସ ବୁଧବାର ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିରୁ ୧୬ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ପଦ୍ମା ଘଟୁଆଳ (୩୫)। ଜବତ ବ୍ରାଉନସୁଗାର ମୂଲ୍ୟ ୧ଲକ୍ଷ ୬୦ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ ସୂଚନା ଦେଇଛନ୍ତି। ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ପଦ୍ମାଙ୍କ ଘରେ ଚଢାଉ କରିଥିଲା।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍‌ମାନେ।

## ଖୋର୍ଦ୍ଧାରେ ହେବ ଇନ୍‌ଡୋର ଷ୍ଟାଡିୟମ

ଖୋର୍ଦ୍ଧା ଅଫିସ,୧୧।୮

- ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ
- ୨୨ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

କ୍ରୀଡ଼ାର ଉନ୍ନତି ଲାଗି ୮୯ ସହରରେ ଅତ୍ୟାଧୁନିକ ବହୁମୁଖୀ ସ୍ପୋର୍ଟସ କମ୍ପେକ୍ସ ନିର୍ମାଣ ପାଇଁ ସରକାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ସହରରେ ୧୦କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ପୋର୍ଟସ କମ୍ପେକ୍ସ ନିର୍ମାଣ ହେବ ବୋଲି ବୁଧବାର ଭଗବାନ ଭିଲ୍ଲାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଓଡ଼ିଶା ତଥା ଜାତୀୟ ସ୍ତରୀୟ କ୍ରୀଡ଼ାରେ ଖୋର୍ଦ୍ଧାରୁ ବହୁ ଖେଳାଳି ଭାଗ ନେଇ ଖୋର୍ଦ୍ଧା ମାଟି ପାଇଁ ଗୌରବ ଆଣିଛନ୍ତି। ସ୍ପୋର୍ଟ୍‌ସ କମ୍ପେକ୍ସ ନିର୍ମାଣ ହେଲେ କ୍ରୀଡ଼ାର ବିକାଶ ହେବ। ଆଗାମୀ ଦିନରେ ଖେଳାଳିଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବା ପାଇଁ ପ୍ଲାଟଫର୍ମ ଗଢାଯିବ ବୋଲି ବିଧାୟକ ମିତ୍ର କହିଛନ୍ତି। ଖୋର୍ଦ୍ଧାରେ ବହୁମୁଖୀ ଷ୍ଟାଡିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ବାସିନ୍ଦାଙ୍କ ପକ୍ଷରୁ ସେ ଶୁଭେଚ୍ଛା ଜଣାଇଥିଲେ। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଦଲାଇ, ମହିଳା ନେତ୍ରୀ ଗୀତାଞ୍ଜଳି ପାଟଶାଣୀ, ଯୁବ ବିଜେଡି ଜିଲା ସଭାପତି ରାଜେଶ ପରିଡା, ଛାତ୍ର ବିଜେଡି ଜିଲା ସଭାପତି ବିଶ୍ୱଦୀପ ପ୍ରଧାନ, ନଗର ସଭାପତି ଏମ୍.ଡି. ଆରିଫ, ପୂର୍ବତନ ଏସ୍‌ପି ଦେବ ପ୍ରସାଦ ମଜୁମଦାର, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଖେଳରେ ଗୌରବ ଅର୍ଜନ କରିଥିବା ୨୨ କ୍ରୀଡ଼ାବିତ୍‌ଙ୍କୁ ବିଧାୟକ ଏବଂ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## କଂଗ୍ରେସ କର୍ମୀ ହଜାରିଙ୍କ ସ୍ମୃତିସଭା

ବୋଲଗଡ଼,୧୧।୮(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଡାବରଧୁଆପାଟଣା ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ହଜାରି ସେଠୀଙ୍କ ସ୍ମୃତିସଭା ରବୀନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ସେଠୀଙ୍କର ସମାଜସେବା, ନିଷ୍ଠାପରତା, ପରୋପକାରୀତା ଓ କଂଗ୍ରେସଦଳ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ବିୟୋଗ ଯୋଗୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଦଳରେ ବହୁ କ୍ଷତି ଘଟିଲା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ରଦୀପ ସାହୁ, ବ୍ଲକ କଂଗେସ ସଭାପତି ବିଜୟ ପ୍ରଧାନ, ଶରତ ପରିଡ଼ା, ସୀମାଞ୍ଚଳ ଖଣ୍ଡାଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସେଠୀଙ୍କ ପୁତ୍ର ବିଜୟ ସେଠୀ ଧନ୍ୟବାଦ ଦେଇଥିଲେ।

## ନିୟୁ ଇଣ୍ଡିଆ @ ୭୫ କ୍ୟାମ୍ପେନରେ ଓସାକ୍ସ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏହି କ୍ରମରେ ଅଗଷ୍ଟ ୧୨ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ନିୟୁ ଇଣ୍ଡିଆ @ ୭୫ ଅଭିଯାନରେ ରାଷ୍ଟ୍ରୀୟ ଏଡସ୍ ନିୟନ୍ତ୍ରଣ ସଙ୍ଗଠନ(ନାକୋ) ଯୁବବର୍ଗଙ୍କୁ ସାମିଲ କରି ସ୍ୱାସ୍ଥ୍ୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏହି ଅଭିଯାନରେ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି(ଓସାକ୍ସ) ସାମିଲ ହୋଇଛି। ନାକୋର ପରାମର୍ଶକ୍ରମେ ଓସାକ୍ସ ଏଚ୍‌ଆଇଭି କ୍ଷେତ୍ରରେ ଅଧିକ ସଂକ୍ରମିତ ଜିଲାରେ ରେଡ୍ ରିବନ କ୍ଲବ ଥିବା କଲେଜଗୁଡ଼ିକର ଛାତ୍ରୀଛାତ୍ରଙ୍କୁ ସାମିଲ କରି ଏଚ୍‌ଆଇଭି/ଏଡ୍‌ସ, ଯକ୍ଷ୍ମା ଏବଂ ରକ୍ତଦାନ ଉପରେ ସଚେତନତା କାର୍ଯ୍ୟକ୍ରମ କରିବ। ଏହି ଅଭିଯାନ ୩୦ ମାର୍ଚ୍ଚ, ୨୦୨୨ ମାର୍ଚ୍ଚ ୩୦ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ କରାଯିବାକୁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅଗଷ୍ଟ ୧୨ ଗୁରୁବାର ଦେଶର ସମସ୍ତ ରାଜ୍ୟର ରେଡ୍ ରିବନ କ୍ଲବଗୁଡ଼ିକରେ ଏହି ଅଭିଯାନର ଉଦ୍‌ଘାଟନ କରିବେ। କାର୍ଯ୍ୟକ୍ରମ ଶୁଭାରମ୍ଭ ପରେ ୧୩ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଚ୍‌ଆଇଭି/ଏଡ୍‌ସ, ଯକ୍ଷ୍ମା ଓ ରକ୍ତଦାନ ବିଷୟକ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରି ୨୦୩୦ ସୁଦ୍ଧା ଏଚ୍‌ଆଇଭି ଓ ଯକ୍ଷ୍ମାର ମୂଳୋତ୍ପାଟନ ନିମନ୍ତେ ସହଯୋଗିତା ଓ ସହଭାଗିତାର ହାତ ବଢ଼ାଇବାକୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଯୁବଗୋଷ୍ଠୀ ଓ ଛାତ୍ର ସମାଜକୁ ଆହ୍ୱାନ ଦେଇଛନ୍ତି।

## ବେନାମୀ ଚିଙ୍ଗୁଡ଼ି ଚାଷ ଘେରି ଉଚ୍ଛେଦ

କୃଷ୍ଣପ୍ରସାଦ,୧୧।୮(ଡି.ଏନ୍.ଏ.)



ଘେରି ଉଚ୍ଛେଦବେଳେ ବିଭିନ୍ନ ଯନ୍ତ୍ରାଂଶ ଜବତ କରାଯାଇଛି।

ପୁରୀ ଜିଲା ପ୍ରଶାସନ ନିର୍ଦ୍ଦେଶରେ କୃଷ୍ଣପ୍ରସାଦ ତହସିଲ ଅଞ୍ଚଳରୁ କିଛିଦିନ ହେଲା ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଚିଲିକାରୁ ଘେରି ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ ଏବେ ବେନାମୀ ଚିଙ୍ଗୁଡ଼ି ଚାଷ ଉପରେ ପ୍ରଶାସନର ନଜର ପଡ଼ିଛି। ମଙ୍ଗଳବାର ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆପଡା ଏବଂ ଜହ୍ନିକୁଦା ଅଞ୍ଚଳରୁ ୮ଏକର ୧୬ଡିସିମିଲି ଜାଗାରୁ ବେନାମୀ ଘେରି ଉଚ୍ଛେଦ କରାଯାଇଛି। ବେନାମୀ ଚିଙ୍ଗୁଡ଼ି ଚାଷ ପାଇଁ ବ୍ୟବହୃତ ହେଉଥିବା ବୈଦ୍ୟୁତିକ ଯନ୍ତ୍ରାଂଶ, ଜାଲ, କିଳା ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛନ୍ତି। ବେନାମୀ ଚିଙ୍ଗୁଡ଼ି ଚାଷୀମାନେ କିଛି ସରକାରୀ ଏବଂ ନିଜସ୍ୱ ଜମିରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ବେନାମୀ ଚିଙ୍ଗୁଡ଼ି ଚାଷ କରିବା ଦ୍ୱାରା ଧାନ ଫସଲ ଉପରେ କୁପ୍ରଭାବ ପଡ଼ିବା ଉଦ୍ଦେଶ୍ୟରେ ଜନସାଧାରଣଙ୍କ ମଧ୍ୟରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତେବେ ଦୀର୍ଘ ଦିନ ପରେ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିନିମନ୍ତେ ୫୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ରାଜସ୍ୱ ସୁପରଭାଇଜର ମଧୁସୂଦନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ଜେନା, ଜ୍ୟୋତି ରଞ୍ଜନ ବେହେରା, ତପନ ରାଉତରାୟ, ରାଜସ୍ୱ ବିଭାଗ କର୍ମଚାରୀ ଗୋବର୍ଦ୍ଧନ ପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ।

## ମାନସିଂହ ସାହିତ୍ୟ ସଂସଦର ମାସିକ ଆସର

କୃଷ୍ଣପ୍ରସାଦ,୧୧।୮(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାନସିଂହ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରକୁ ଅନୁଷ୍ଠାନର ସଭାପତି ବିଷ୍ଣୁପ୍ରସାଦ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ସୁସାହିତ୍ୟିକ ଡା.ସୁସ୍ମିତା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ କବିତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରେମାନନ୍ଦ ବେହେରା (ବରଗଡ଼) ଆସରର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସମ୍ପାଦକ ତଥା ସୁସାହିତ୍ୟିକ ଲଳିତ କୁମାର ସ୍ୱାଇଁ ସମାଜରେ ସାହିତ୍ୟର ମହତ ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। କବି ଚୁମକି ଦାଶ (ବଲାଙ୍ଗୀର) ଓ ସରୋଜ ସାହୁ (ଝାରସୁଗୁଡା)ଙ୍କ ସଂଯୋଜନାରେ ୪୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।

## ପଛରେ ପଡ଼ିଛି କ୍ରୀଡ଼ାର ବିକାଶ

ଖୋର୍ଦ୍ଧା ଅଫିସ,୧୧।୮

- ଖୋର୍ଦ୍ଧା ଷ୍ଟାଡିୟମ ଜରାଜୀର୍ଣ୍ଣ
- କାମରେ ଲାଗୁନି ସ୍ପୋର୍ଟସ୍ ହଲ୍

ଖୋର୍ଦ୍ଧାରେ ଆବଶ୍ୟକ ଭିତ୍ତିଭୂମି ଅଭାବ କାରଣରୁ କ୍ରୀଡ଼ାରୁ ଯୁବପିଢି ମୁହଁ ଫେରାଉଛନ୍ତି। ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୩୦କିମି ଦୂରରେ ଖୋର୍ଦ୍ଧା ସହର ଅବସ୍ଥିତ ହୋଇଥିଲେ ବି ଏଠାରେ ଆଶାନୁରୂପ ଭାବେ କ୍ରୀଡ଼ାର ବିକାଶ ହୋଇପାରିନାହିଁ। ଏପର୍ଯ୍ୟନ୍ତ ଖେଳାଳିଙ୍କ ଅଭ୍ୟାସ ଲାଗି ଉନ୍ନତମାନର ଷ୍ଟାଡିୟମଟିଏ ନ ଥିବାବେଳେ ବର୍ତ୍ତମାନର ଷ୍ଟାଡିୟମ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ କ୍ରୀଡ଼ା ବିକାଶରେ ଅନ୍ତରାୟ ସାଜିଛି।

ବିଜେବି ହାଇସ୍କୁଲକୁ ଲାଗି ରହିଛି ଖୋର୍ଦ୍ଧା ଷ୍ଟାଡିୟମ। ଅତୀତରେ ଏଠାରେ ସର୍ବଭାରତୀୟସ୍ତରୀୟ ଫୁଟବଲ ଓ କ୍ରିକେଟ ମ୍ୟାଚ ଆୟୋଜନ ହେଉଥିଲା। ଏବେ ଏହି ଷ୍ଟାଡିୟମ ପରିସରରେ ଅନାବନା ଗଛଲତା ମାଡ଼ିଗଲାଣି। ବର୍ଷା ହେଲେ ପାଣି ଜମୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ଅଭ୍ୟାସ ପାଇଁ ଆସୁଥିବା ଖେଳାଳିମାନେ ଅବ୍ୟବସ୍ଥା କାରଣରୁ ନିରାଶ ହୋଇ ଫେରୁଛନ୍ତି। ସେହିପରି ବିଜେବି ହାଇସ୍କୁଲ ଖେଳପଡ଼ିଆରେ ପିଲାମାନେ ଖେଳିପାରୁନାହାନ୍ତି। ପି.ଏନ୍. କଲେଜ ପରିସରରେ ଏକ ମିନି ଷ୍ଟାଡିୟମ ରହିଛି। ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଲାଗି ଏହି ଷ୍ଟାଡିୟମ ନିର୍ମାଣ ହୋଇଥିଲା। ତେବେ ଏହା ମଧ୍ୟ ଦୁରାବସ୍ଥା ଦେଇ ଗତି କରୁଛି। ବିଜେବି ହାଇସ୍କୁଲ ପଡ଼ିଆକୁ ଲାଗି ଇନ୍‌ଡୋର ସ୍ପୋର୍ଟସ୍ ହଲ୍ ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ଏହା ନିର୍ମାଣ ସତ୍ତ୍ୱେ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫନୀ ବାତ୍ୟାରେ ଏହାର କ୍ଷୟକ୍ଷତି ହୋଇଥିଲା। ସେବେଠୁ ମରାମତି ହୋଇନାହିଁ। ଏହି ହଲ୍ କାମରେ ଲାଗୁନାହିଁ। ପଲ୍ଲା ମୌଜା ବାଜପୁର ରାସ୍ତା ପାର୍ଶ୍ୱରେ ୧୮ ଏକର ପରିମିତ ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣରେ ଜମି ଜବରଦଖଲ ବାଧକ ସାଜିଛି। ଦୀର୍ଘଦିନ ହେଲା ଷ୍ଟାଡିୟମ ପାଚେରି କାମ ସରୁନାହିଁ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସହରାଞ୍ଚଳ ବହୁମୁଖୀ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା ହୋଇଛି। ତେବେ ସହରାଞ୍ଚଳ ପାଇଁ ନିର୍ମାଣ ହେବାକୁ ଥିବା ଷ୍ଟାଡିୟମ ପଲ୍ଲା (ଗ୍ରାମାଞ୍ଚଳ) ମୌଜାରେ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କହିଛନ୍ତି, ଜିଲା ଷ୍ଟାଡିୟମ ନିର୍ମାଣ ପାଇଁ ଉପଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଖୋର୍ଦ୍ଧା ପୌରପରିଷଦ ଅନୁଦାନରେ ଏହି ଷ୍ଟାଡିୟମର ପୁନରୁଦ୍ଧାର କରାଯିବ। ସେହିପରି ପି.ଏନ୍. କଲେଜରେ ମିନି ଷ୍ଟାଡିୟମ ନିର୍ମାଣ ଲାଗି ୩୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ବିଜେବି ହାଇସ୍କୁଲ ଖେଳପଡ଼ିଆ ପୁନରୁଦ୍ଧାର ଲାଗି ପୂର୍ବରୁ ୩୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଖୋର୍ଦ୍ଧାରେ କ୍ରୀଡ଼ାର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ସମସ୍ତ ଷ୍ଟାଡିୟମର ଉନ୍ନତୀକରଣ କରାଯିବ। କ୍ରୀଡ଼ା କ୍ଷେତ୍ରରେ ଖୋର୍ଦ୍ଧା ଜିଲାକୁ ଅଗ୍ରଣୀ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି।

## ମଲାଗୁଣୀ ବ୍ୟାରେଜ ବୁଲିଲେ ବିଭାଗୀୟ ଅଧିକାରୀ

ନିରାକାରପୁର,୧୧।୮(ଡି.ଏନ୍.ଏ.)



ବିଭାଗୀୟ ଅଧିକାରୀମାନେ ଭାଙ୍ଗିଥିବା ଗେଟ୍ ବିଷୟରେ ଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

### ଭାଙ୍ଗିଥିବା ଗେଟ୍ ବଦଳରେ ନୂଆ ଲାଗିବ

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଗଡ ଦେଇ ଯାଇଥିବା ମଲାଗୁଣୀ ନଦୀ ଉପରେ ହୋଇଥିବା ମଲାଗୁଣୀ କ୍ଷୁଦ୍ର ଜଳସେଚନ ବ୍ୟାରେଜରେ ମଙ୍ଗଳବାର ୭ନମ୍ବର ଗେଟଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ ଖରିଫ ଫସଲ ପାଇଁ ବ୍ୟାରେଜରେ ରହିଥିବା ପାଣି ସବୁ ତଳମୁଣ୍ଡକୁ ଚାଲିଯାଇଛି। ଏହି ବ୍ୟାରେଜ ଉପରେ ନିର୍ଭର କରି ଚାଷ କରୁଥିବା ୩୫ଟି ରାଜସ୍ୱ ଗ୍ରାମର ଶତାଧିକ ଚାଷୀ ପ୍ରଭାବିତ ହେବା ନେଇ ଆଶଙ୍କା ରହିଥିବା ସହ ତଳ ଅଞ୍ଚଳର ଚାଷୀମାନଙ୍କ ଉପରେ ଏକ ପ୍ରକାର ବିପଦ ସୃଷ୍ଟି ହୋଇଛି। ତେବେ ବୁଧବାର ଏ ନେଇ ବିଭାଗୀୟ ଅଧିକାରୀଭାବେ ନିର୍ବାହୀ ଯନ୍ତ୍ରୀ ଡ.ଅକ୍ଷୟ ଦାସ ଓ ଇଆଇସି ଧୀରେନ କୁମାର ସାମଲ ଉକ୍ତ ବ୍ୟାରେଜ ପରିଦର୍ଶନ କରିଥିଲେ। ଏଥିସହ ଭାଙ୍ଗିଯାଇଥିବା ଗେଟ ନିକଟକୁ ଯାଇ କେଉଁ କାରଣରୁ ଗେଟଟି ଭାଙ୍ଗିଲା ତାହାର ତଦନ୍ତ କରିଥିଲେ। ଉକ୍ତ ଗେଟଟି ଭାଙ୍ଗିବା ଦ୍ୱାରା ତଳ ଅଞ୍ଚଳର ଥିବା ସ୍ଥାନୀୟଲୋକେ ଚାଷକୁ ନେଇ ଚିନ୍ତାରେ ଅଛନ୍ତି। ଏ ନେଇ ଚନ୍ଦନପୁର ଗ୍ରାମର ଚାଷୀ ଶିଖର ବେହେରା କୁହନ୍ତି, ୧୧ ଏକର ଜମିରେ ଚାଷ କରିଥିବା ବେଳେ ପାଣି ଅଭାବରୁ ଏହି ନଦୀ ପାଣି ଉପରେ ନିର୍ଭର କରି ଚଳୁ। ଏବେ ବ୍ୟାରେଜର ଗେଟ ଭାଙ୍ଗିଯାଇଥିବାରୁ ପାଣି ରହିବା ଆଶଙ୍କା ଲାଗୁଛି। ତେଣୁ ଗେଟକୁ ଶୀଘ୍ର ମରାମତି କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ। ଏ ସମ୍ପର୍କରେ ଅଧିକାରୀଙ୍କୁ ଜଣାଇଛୁ, ଯଦି ଶୀଘ୍ର ମରାମତି ନ ହୁଏ ସବୁ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି କହିଛନ୍ତି। ସେହିଭଳି ଚାଷୀ ଦେବରାଜ ମହାପାତ୍ର କୁହନ୍ତି, ଶୀଘ୍ର ଗେଟ ମରାମତି ନ ହେଲେ ଆମେ ଚାଷ କରିପାରିବୁ ନାହିଁ। କାରଣ ପାଣି ସିଧାସଳଖ ଆସି କେଉଁଠି ଗଳିଆ ସୃଷ୍ଟି କରେ ତେବେ ଚାଷ ସବୁ ନଷ୍ଟ ହୋଇଯିବ। ଅପରପକ୍ଷେ ଏ ନେଇ ବ୍ୟାରେଜ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ପଲେଇ କହିଛନ୍ତି, ବିଭାଗୀୟ ଅଧିକାରୀମାନେ ଆସି ତଦନ୍ତ କରିଥିବାବେଳେ ଏବେ ପାଇଁ ଭାଙ୍ଗିଥିବା ଗେଟରେ ବାଲିବସ୍ତା ରଖାଯାଇଛି। ପାଣି କମିଲେ ଡିସେମ୍ବର, ଜାନୁୟାରୀରେ ଗେଟ ତିଆରି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନା ଥାଉକି, ଚାଷୀଙ୍କ ଉନ୍ନତିକରଣ ପାଇଁ ୧୯୮୧ ଡିସେମ୍ବର ୨୧ରେ ଏହି ବ୍ୟାରେଜ ନିର୍ମାଣ ହୋଇଥିଲା। ଏହାର ପାଣି ନିଷ୍କାସନ ପାଇଁ ୯ଟି ଗେଟ୍ କରାଯାଇଥିବା ବେଳେ ମଙ୍ଗଳବାର ଏଥିରୁ ଗୋଟିଏ ଗେଟ ଭାଙ୍ଗିଯାଇଥିଲା।